ଆଜି - ସୋମବାର
ତାରିଖ - ୧୯ ଅକ୍ଟୋବର ୨୦୨୬
ମାସ - ତୁଳା, ଦିନ - ୦୩
ତିଥି - ଅଷ୍ଟମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଉତରଷାଢ଼ା, ମକର ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୭: ୦୦
ସୂର୍ଯ୍ୟାସ୍ତ - ୫ : ୧୭ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com

Vol.- 42 ISSUE- 187 R.N.I. REGD. No. 44026/86 ବାଲେଶ୍ୱର ୧୯ ଅକ୍ଟୋବର ୨୦୨୬ ସୋମବାର BALASORE 19 OCTOBER 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦




ମା'ଙ୍କ ସିଦ୍ଧିଦାତ୍ରୀ ବେଶ ।



ଫକୀରମୋହନ ଗୋଲେଇସ୍ଥିତ ସାଇଦୁର୍ଗା ମନ୍ଦିରରେ ନବରାତ୍ରର ଅଷ୍ଟମ ଦିବସରେ ମା'ଙ୍କ 'ମହାଗୌରୀ' ବେଶ ଅନୁଷ୍ଠିତ ।

## ଏସୀୟ ପାରା କ୍ରୀଡ଼ା ୨୦୨୬ ପାଇଁ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଇଚି-ନାଗୋୟାରେ ଏସୀୟ ପାରା କ୍ରୀଡା ୨୦୨୬ ଆରମ୍ଭ ହେଉଥିବାରୁ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ଏହାର ପାରା-ଆଥଲେଟମାନଙ୍କ ପାଇଁ ଅତ୍ୟନ୍ତ ଗର୍ବିତ, ଯାହାଙ୍କ ଦୃଢ଼ତା, ସମର୍ପଣ ଏବଂ ଅଦମ୍ୟ ମନୋଭାବ ୧୪୦ କୋଟି ଭାରତୀୟଙ୍କୁ ଅନୁପ୍ରାଣିତ କରେ । ଶ୍ରୀ ମୋଦୀ ଆଥଲେଟମାନଙ୍କ ଆତ୍ମବିଶ୍ୱାସ କାମନା କରିଛନ୍ତି ଏବଂ ସେମାନଙ୍କୁ ସେମାନଙ୍କର ସର୍ବୋତମ ଦେବା ପାଇଁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଏକ ଢ ପୋଷ୍ଟରେ କହିଛନ୍ତି; "ଆଇଚି-ନାଗୋୟାରେ ଏସୀୟ ପାରା କ୍ରୀଡା ୨୦୨୬ ଆରମ୍ଭ ହେଉଥିବାରୁ, ଭାରତୀୟ ଦଳକୁ ମୋର ଶୁଭେଚ୍ଛା । ଭାରତ ଆମର ଚମତ୍କାର ପାରା-ଆଥଲେଟମାନଙ୍କ ପାଇଁ ଅତ୍ୟନ୍ତ ଗର୍ବିତ । ସେମାନଙ୍କର ଦୃଢ଼ତା, ସମର୍ପଣ ଏବଂ ଅଦମ୍ୟ ମନୋଭାବ ୧୪୦ କୋଟି ଭାରତୀୟଙ୍କୁ ପ୍ରେରଣା ଦିଏ । ସେମାନେ ଆତ୍ମବିଶ୍ୱାସର ସହିତ ପ୍ରତିଯୋଗିତା କରନ୍ତୁ ଏବଂ ସେମାନଙ୍କର ସର୍ବୋତମ ଦିଅନ୍ତୁ ।"

## ଗ୍ୱାଲିୟର ଦୁର୍ଘଟଣାରେ ପ୍ରଭାବିତ ପରିବାରବର୍ଗଙ୍କ ପାଇଁ କ୍ଷତିପୂରଣ ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ମଧ୍ୟପ୍ରଦେଶର ଗ୍ୱାଲିୟରରେ ଘଟିଥିବା ଏକ ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଶନିବାର ବିଳମ୍ବିତ ରାତିରେ ଗ୍ୱାଲିୟରସ୍ଥିତ ଶୀତଳା ମାତା ମନ୍ଦିର ନିକଟରେ ଏକ ଅନିୟନ୍ତ୍ରିତ ଟ୍ରକ କେତେଜଣ ଲୋକଙ୍କ ଉପରେ ମାଡ଼ିଯିବା ଫଳରେ ୧୫ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଲୋକ ଆହତ ହୋଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଘଟଣା ପାଇଁ କ୍ଷତିପୂରଣ ଘୋଷଣା କରାଯାଇଛି । ରବିବାର (ଅକ୍ଟୋବର ୧୮) ଦିନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାର୍ତା ଉଦ୍ଧୃତ କରାଯାଇ କୁହାଯାଇଛି, 'ମଧ୍ୟପ୍ରଦେଶର ଗ୍ୱାଲିୟରରେ ଘଟିଥିବା ଦୁର୍ଘଟଣାରେ ଜୀବନହାନି ଘଟଣାରେ ମୁଁ ଗଭୀର ମର୍ମାହତ । ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା । ଆହତମାନଙ୍କର ଶୀଘ୍ର ଆରୋଗ୍ୟ କାମନା କରୁଛି ।' ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରବର୍ଗଙ୍କୁ ପ୍ରତ୍ୟେକଙ୍କ ପିଛା ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ । ଏହା ସହିତ, ଆହତ ହୋଇଥିବା



ବ୍ୟକ୍ତିମାନଙ୍କୁ ପ୍ରତ୍ୟେକଙ୍କ ପିଛା ୫୦,୦୦୦ ଟଙ୍କା ପ୍ରଦାନ କରାଯିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ଏକ୍ସ'ରେ ଲେଖିଛନ୍ତି, 'ମଧ୍ୟପ୍ରଦେଶର ଗ୍ୱାଲିୟରରେ ଏକ ସଡ଼କ ଦୁର୍ଘଟଣାରେ ଜୀବନହାନି ଘଟିଥିବା ଖବର ଅତ୍ୟନ୍ତ ଦୁଃଖଦାୟକ । ମୁଁ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି ।' ଗ୍ୱାଲିୟରର ଏସଏସପି ଧର୍ମବୀର ସିଂହ କହିଛନ୍ତି ଯେ, ନବରାତ୍ରି ପର୍ବ ସମୟରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏକ ମନ୍ଦିରକୁ ଯାଉଥିଲେ । ଛିନୋର ଆଡ଼କୁ ଯାଇଥିବା ରାସ୍ତାରେ ଏକ ତୀବ୍ର ଢାଲୁ ଅଂଶ ରହିଛି, ଯେଉଁଠାରେ ଭାରୀ ଯାନବାହନ ଚଳାଚଳ ଉପରେ କଟକଣା ରହିଛି ।

# ନୂଆ ରାଜ୍ୟପାଳ ଭାବେ ଶପଥ ନେଲେ ବ୍ରଜମୋହନ ରାମ

## ଶପଥ ପାଠ କରାଇଲେ ହାଇକୋର୍ଟର ମୁଖ୍ୟ ବିଚାରପତି

ଭୁବନେଶ୍ୱର : ନୂଆ ରାଜ୍ୟପାଳ ଭାବେ ଶପଥ ନେଇଛନ୍ତି ବ୍ରଜମୋହନ ରାମ । ରାଜଭବନରେ ବିରାଟ ଆୟୋଜନ ହୋଇଛି । ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଲୋକଭବନରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଛନ୍ତି । ହରିବାବୁଙ୍କ ସ୍ଥାନରେ ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ଶପଥ ନେଇଛନ୍ତି ବ୍ରଜମୋହନ ରାମ । ରାଜଭବନର ଅଭିଷେକ ହଲ୍‌ରେ ଶପଥଗ୍ରହଣ ସମାରୋହ ଆୟୋଜିତ ହୋଇଛି । ଶପଥ ଗ୍ରହଣ ଉତ୍ସବରେ ପ୍ରାୟ ୬୦୦ ଅତିଥି ଯୋଗ ଦେଇଛନ୍ତି । ଶପଥ ଗ୍ରହଣ ଉତ୍ସବରେ ସାମିଲ ହେବାକୁ ଝାଡ଼ଖଣ୍ଡରୁ ୩୦୦ ଅତିଥି ଆସିଛନ୍ତି । ସେମାନେ ରାଜ୍ୟ ଅତିଥି ଭବନ, ସର୍କିଟ୍ ହାଉସ୍, ଓଟିଡିସି ପାନ୍ଥନିବାସ ଓ କିଛି ଘରୋଇ ହୋଟେଲରେ ରହିଥିଲେ । ଦିନ ୧୧ଟା ବେଳେ ଶପଥ ଗ୍ରହଣ ଉତ୍ସବ ଆରମ୍ଭ ହୋଇଥିଲା । ସମାରୋହରେ ମୁଖ୍ୟମନ୍ତ୍ରୀ





ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଗତକାଲି (ଶନିବାର) ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାଙ୍କୁ ସ୍ୱାଗତ କରିଥିଲେ । ବିମାନବନ୍ଦରରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ଗତକାଲି ଅପରାହ୍ଣରେ ନବନିଯୁକ୍ତ ରାଜ୍ୟପାଳ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ସେ ପୁରୀ ଲୋକଭବନରେ ପହଂଚିବା ପରେ ସାଂସଦ ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପରେ ସେ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରି ଓଡ଼ିଶାବାସୀଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା କରିଥିଲେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହ ମହାପ୍ରଭୁଙ୍କ ଖଣ୍ଡୁଆ ପାଟ ପ୍ରଦାନ କରାଯାଇଥିଲା । ମହାପ୍ରଭୁଙ୍କ ଦର୍ଶନ ପରେ ବ୍ରଜମୋହନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ନେବା ଗର୍ବ ଓ ଗୌରବର କଥା । ଶପଥ ଗ୍ରହଣ ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାର ଇଚ୍ଛା ଥିଲା । ମହାପ୍ରଭୁଙ୍କ ଅପାର କରୁଣା ଓ ଆଶୀର୍ବାଦରେ ଅତି ସୁନ୍ଦର ଦର୍ଶନ ହେଲା ।

# ଏବିଭିପିର ବିଜୟୀ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

କଟକ : ଓଡ଼ିଶାର କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସମାପ୍ତ ଛାତ୍ରସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଫଳତାକୁ ନେଇ ବିଜୟୀ ପ୍ରାର୍ଥୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅଭିନନ୍ଦନ ଜଣାଇଛନ୍ତି । ଏହି ବିଜୟ କେବଳ ନିର୍ବାଚନୀ ସଫଳତା ନୁହେଁ, ବରଂ ଯୁବପିଢ଼ିଙ୍କ ଆତ୍ମବିଶ୍ୱାସ, ସେବା ମନୋଭାବ ଓ ସକାରାତ୍ମକ ପରିବର୍ତ୍ତନର ପ୍ରତୀକ ବୋଲି ସେ କହିଛନ୍ତି । କଟକର ଇନଡୋର୍ ଷ୍ଟାଡିୟମ୍‌ରେ ଆୟୋଜିତ ସମାବେଶରେ ଛାତ୍ରନେତାମାନଙ୍କୁ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବା ସହ ରାଜ୍ୟର ବିକାଶରେ ଭାଗୀଦାର ହେବାକୁ ଆହ୍ୱାନ ଦିଆଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୭ ମସିହାରୁ ରାଜ୍ୟରେ ବନ୍ଦ ରହିଥିବା ଛାତ୍ରସଂସଦ ନିର୍ବାଚନ ପୁନର୍ବାର ଆରମ୍ଭ କରିବା ସରକାରଙ୍କ ନିର୍ବାଚନୀ ପ୍ରତିଶ୍ରୁତି ଥିଲା । ୨୦୨୪ ଡିସେମ୍ବରରେ କଟକରେ ଅନୁଷ୍ଠିତ ଇଇଠଚର ରାଜ୍ୟସ୍ତରୀୟ ସମ୍ମିଳନୀରେ ସାରା ଓଡିଶାର ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି



ପୂରଣ କରାଯାଇଛି । ଛାତ୍ରଛାତ୍ରୀଙ୍କ ଉପରେ ଭରସା ରଖି ନିର୍ବାଚନ କରାଯାଇଥିବାବେଳେ ଏହା ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଥିବାରୁ ସମଗ୍ର ଛାତ୍ରସମାଜକୁ ସେ ଧନ୍ୟବାଦ ଜଣାଇଛନ୍ତି । ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାକୁ ସୁଗମ କରିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'କେଜିରୁ ପିଜି' ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା, ନବମ ଓ ଦଶମ ଶ୍ରେଣୀରେ ମାଗଣା ପାଠ୍ୟପୁସ୍ତକ ବଂଟନ, କନ୍ୟା ସୁମଙ୍ଗଳ ଯୋଜନା ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭଳି ପଦକ୍ଷେପ ଶିକ୍ଷା କ୍ଷେତ୍ରରେ ପରିବର୍ତନ ଆଣିବ । ଭୁବନେଶ୍ୱର ଓ କଟକ ଭଳି ସହରରେ ପଢ଼ିବାକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ହଷ୍ଟେଲ ସମସ୍ୟାର ସମାଧାନ ପାଇଁ ସରକାର ସୁଲଭ ମୂଲ୍ୟରେ ହଷ୍ଟେଲ ନିର୍ମାଣ କରିବେ । ଏଥିରେ ରିଡିଂ ରୁମ୍, ମେସ୍ ଓ 'ଆମ ବସ୍' ସେବାର ସୁବିଧା ରହିବ । ଏହାସହ ଟଚଝଉ ପରୀକ୍ଷା ପାଇଁ କୋଚିଂ ସୁବିଧା ବୃଦ୍ଧି ଉପରେ ମଧ ସେ ଗୁରୁତ୍ୱ ଦେଇଛନ୍ତି । ଛାତ୍ରନେତାମାନେ କେବଳ ରାଜନୀତିରେ ସୀମିତ ନ ରହି ସାଧାରଣ ଛାତ୍ରଛାତ୍ରୀଙ୍କ ସମସ୍ୟା, କ୍ରୀଡ଼ା, ସାଂସ୍କୃତିକ ବିକାଶ ଓ ଶିକ୍ଷାର ଗୁଣବତା ବୃଦ୍ଧି ପାଇଁ କାମ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । କ୍ୟାମ୍ପସଗୁଡ଼ିକୁ ନିଶାମୁକ୍ତ ଓ ହିଂସାମୁକ୍ତ କରିବା ସହ 'Say No to Drugs, Say No to Alcohol' ବାର୍ତାକୁ ଯୁବସମାଜ ମଧ୍ୟରେ ପ୍ରସାର କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଏଥିସହ ସାମାଜିକ ଗଣମାଧ୍ୟମର ସଦୁପଯୋଗ କରିବା, ଅପପ୍ରଚାରର ଜବାବ ସକାରାତ୍ମକ ବାର୍ତା ମାଧ୍ୟମରେ ଦେବା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଜଣାଇବାକୁ ସେ ଛାତ୍ରଛାତ୍ରୀଙ୍କୁ କହିଛନ୍ତି । ଶେଷରେ ବିଜୟୀ ଛାତ୍ରନେତାମାନଙ୍କୁ ଅହଂକାର ନୁହେଁ, ବରଂ ଅଧିକ ପରିଶ୍ରମ ଓ ସେବା ମନୋଭାବ ସହ ଆଗକୁ ବଢ଼ିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ 'ଜ୍ଞାନ, ଶୀଳ, ଏକତା' ଆଦର୍ଶକୁ ଅନୁସରଣ କରି ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ଯୋଗଦାନ ଦେବାକୁ ଆହ୍ୱାନ ଜଣାଇଛନ୍ତି ।

# ଆଜି ମା'ଙ୍କ ମହାଷ୍ଟମୀ ପୂଜା

ଭୁବନେଶ୍ୱର : ମହାମାୟାଙ୍କ ଆଗମନରେ ଉତ୍ସବମୁଖର ଗାଁଠୁ ସହର । ରାଜ୍ୟର ପ୍ରମୁଖ ଶକ୍ତିପୀଠ ମାନଙ୍କରେ ଚାଲିଛି ମା'ଙ୍କ ମହାଷ୍ଟମୀ ପୂଜା । ଷୋଡ଼ଶ ଉପଚାର ରୀତିନୀତି ଅନୁଯାୟୀ ନୀତିକାନ୍ତି ଅନୁଷ୍ଠିତ ହେଉଛି । ଘଂଟ ଘଂଟା, କାହାଳି, ହୁଳହୁଳିରେ କମ୍ପୁଛି ପୂରା ପରିବେଶ । କଟକ ବାଙ୍କୀର ଆରାଧ୍ୟା ଦେବୀ ମାଆ ଚର୍ଚ୍ଚିକା ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଉଛନ୍ତି । ମହାଗୌରୀ ବେଶରେ ବିଭୂଷିତା ହୋଇଛନ୍ତି ଝଙ୍କଡ଼ ବାସିନୀ ମା ଶାରଳା । ସେହିପରି କାକଟପୁରର ମା' ମଙ୍ଗଳାଙ୍କ



ମନ୍ଦିରରେ ମହାଷ୍ଟମୀରେ ଜମିଛି ଶ୍ରଦ୍ଧାଳୁଙ୍କ ଭିଡ଼ । ଦେଶର ୫୧ ଶକ୍ତିପୀଠ ମଧ୍ୟରୁ ପ୍ରମୁଖ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିରରେ ବେଶ ଆଡ଼ମ୍ବର ସହ ଅନୁଷ୍ଠିତ ହେଉଛି ମହାଷ୍ଟମୀ ପୂଜା । ସକାଳୁ ପବିତ୍ର ବୈତରଣୀ ଜଳରେ ମହାସ୍ନାନ ପରେ ମା'ଙ୍କୁ ନବବଧୂ ବେଶରେ ସୁସଜ୍ଜିତ କରାଯାଇଛି । ନବରାତ୍ର ଅବସରରେ ଗର୍ଭଗୃହରେ ପ୍ରବେଶ କରି ମା'ଙ୍କ ମୁଖ ଦର୍ଶନ ଓ ଚରଣ ସ୍ପର୍ଶ କରି ଆଶିଷ ନେବାକୁ ବଡ଼ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି । ମହାଷ୍ଟମୀରେ ରାଜ୍ୟର ସମସ୍ତ ଶକ୍ତିପୀଠରେ ଭିଡ଼ ପରିଲିକ୍ଷିତ ହୋଇଥିବା ବେଳେ ସ୍ଥାନୀୟ ପୁଲିସ୍ ପ୍ରଶାସନ ପକ୍ଷରୁ ସୁରକ୍ଷା ବନ୍ଦୋବସ୍ତକୁ କଡ଼ାକଡ଼ି କରାଯାଇଛି ।

# ବାଲେଶ୍ୱର ରାବଣପୋଡ଼ି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର

ବାଲେଶ୍ୱର : ପ୍ରତିବର୍ଷ ପରି ଚଳିତ ବର୍ଷ ବାଲେଶ୍ୱର ସରକାରୀ ଆଇଟିଆଇ ପଡ଼ିଆ ଠାରେ ୨୦ ତାରିଖ ମଙ୍ଗଳବାର ସନ୍ଧ୍ୟା ୬ଘଟିକା ସମୟରେ ରାବଣପୋଡ଼ି ମହୋତ୍ସବ ମହା ଆଡ଼ମ୍ବର ସହକାରେ ପାଳନ ହେବାକୁ ଯାଉଛି । ଉକ୍ତ ମହୋତ୍ସବରେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବେ । ସମ୍ମାନିତ ଅତିଥି ଭାବେ ସରକାରୀ ଦଳର ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା, ଜଳେଶ୍ୱର ବିଧାୟକ ଅଶ୍ୱିନୀ



କୁମାର ପାତ୍ର, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଏସପି ପ୍ରତ୍ୟୁଷ ଦିୱାକର, ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଳବିୟ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଝୁଂଟିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ପ୍ରମୁଖ ଯୋଗଦେବେ । ବିଶେଷ ଆକର୍ଷଣ ହେବେ ରାମଲୀଳା, ରାମ-ରାବଣ ଯୁଦ୍ଧ, ଲଙ୍କାପୋଡ଼ି, ଆତସବାଜି, ରାବଣବଧ ଅନୁଷ୍ଠିତ ହେବ । ଉକ୍ତ ମହୋତ୍ସବରେ ଜନସାଧାରଣଙ୍କୁ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ରାବଣପୋଡ଼ି କମିଟି ତରଫରୁ ଅନୁରୋଧ କରାଯାଇଛି ।






# ବାଲେଶ୍ୱର ଜିଲ୍ଲାରେ ଶାରଦୀୟ ପାର୍ବଣ ପୂଜା: ବୀରାଷ୍ଟମୀ ଆଜି


















ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ଜିଲ୍ଲାରେ ଚଳିତ ବର୍ଷ ଗତ ୧୬ ତାରିଖ ଠାରୁ ଏଯାଏଁ ମୋଟ ୪୨୬ରୁ ଉର୍ଦ୍ଧ୍ୱ ସାର୍ବଜନୀନ ଘରୋଇ ପୂଜା ଆରମ୍ଭ ହୋଇଛି । ବାଲେଶ୍ୱର ସହରରେ ୯୭ଟି ମେଢ଼ ଯାହାକି ବାଲିଘାଟ ଏବଂ ନୁଣିଆଯୋଡ଼ି ଠାରେ ଆସନ୍ତା ୨୨ ତାରିଖ ଓ ୨୧ ତାରିଖ ଦୁଇଦିନ ଧରି ଭସାଣି ଉତ୍ସବ ହେବ । ୨୧ ତାରିଖ ବିଜୟା ଦଶମୀରେ ଘରୋଇ ମେଢ଼ ଗୁଡ଼ିକ ବାଲିଘାଟ ଠାରେ ବିସର୍ଜନ ହେବାକୁ ଥିବାବେଳେ ୨୨ ତାରିଖ ସାର୍ବଜନୀନ ପୂଜା ଗୁଡ଼ିକ ସିନେମାଛକ ଓ ବିଚାରଗଂଜ ଫାଣ୍ଡିଛକ ଦେଇ କ୍ରମାନ୍ୱୟରେ ନୁଣିଆଯୋଡ଼ି ଓ ବାଲିଘାଟରେ ବିସର୍ଜିତ ହେବ । ଚଳିତ ବର୍ଷ ବାଲେଶ୍ୱର ସହରରେ ବାରବାଟୀ ଆଖଡ଼ାପଦା ଓ ଆଜିମାବାଦ ଦୁଇଟି ପୂଜା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରୁଥିବା ବେଳେ ତନ୍ତିସାହି ଓ ଦହପଡ଼ା ଦୁଇଟି ରୌପ୍ୟ ଜୟନ୍ତୀ ପାଳନ କରୁଛନ୍ତି । ଆୟୋଜିତ କାର୍ଯ୍ୟକ୍ରମକୁ ଡିଆଇଜି ପିନାକ ମିଶ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଏସପି ପ୍ରତ୍ୟୁଷ ଦିଖ୍ୱାକରଙ୍କ ସମେତ ୪ଜଣ ଏଏସପି, ୧୧ଜଣ ଡିଏସପି, ୨୫ଜଣ ଆଇଆଇସି, ଏସଆଇ ଓ ଏଏସଆଇ ୧୨୬ଜଣ, ଓଆର ୧୨୫ଜଣ., ହୋମଗାର୍ଡ଼ ୩୧୦ଜଣ ମୋଟ ୨୦ ପ୍ଲାଟୁନ ପୋଲିସ ଫୋର୍ସ ସମେତ ରାପିଟ୍ ଏକ୍ସନଫୋର୍ସ ଏକ କମ୍ପାନୀ ଓ ୨ଟା କ୍ୟୁଆରଏଫ ପ୍ଲାଟୁନ ସାମିଲ କରାଯାଇଥିବା ବେଳେ ମୟୂରଭଂଜ, ଭଦ୍ରକ, କଟକ, ଭୁବନେଶ୍ୱର ପ୍ରମୁଖ ଅଂଚଳରୁ ବରିଷ୍ଠ ପୋଲିସ ଅଧିକାରୀମାନେ ଆସି ନିଯୁକ୍ତ ହୋଇଛନ୍ତି । ଟ୍ରାଫିକ ବ୍ୟବସ୍ଥା ପାଇଁ ପ୍ରଜ୍ଞା ମହାନ୍ତିଙ୍କୁ ନିଯୁକ୍ତି କରାଯାଇଥିବା ବେଳେ ସହଦେବଖୁଂଟା ଥାନାଧିକାରୀ ଗୋପାଳ ଚନ୍ଦ୍ର ଜେନା ଓ ଟାଉନ ଅଧିକାରୀ ବିଜୟ କୁମାର ଦାସଙ୍କୁ ନିଯୁକ୍ତ କରାଯାଇଛି । ସେହିପରି ଆସନ୍ତା ୨୦ ତାରିଖ ମଙ୍ଗଳବାରଦିନ ଆଇଟିଆଇ ପଡ଼ିଆ ପରିସରରେ ବିଶାଳ ରାବଣ ପୋଡ଼ି ମହୋତ୍ସବ ଅନୁଷ୍ଠିତ ହେବ । ସେହିପରି ୧୯ ତାରିଖ ଦିନ ମାକଲପୁର ମନ୍ଦିର ପରିସରରେ ବୀରାଷ୍ଟମୀ ପାଳନ କରାଯିବ । ଏଥର ଏହି ମେଳନ ଉତ୍ସବରେ ୨୪ଗୋଟି ଆଖଡ଼ା ପରମିଶନ ନେଇଥିବା ବେଳେ ଆସନ୍ତା ୨୧ ତାରିଖ ସଂଧ୍ୟାରେ ବିଜୟା ଦଶମୀ ଦିନ ସିନେମାଛକ ଠାରେ ମୋଟ ୨୮ଗୋଟି ଆଖଡ଼ା ଦଳ ସାମିଲ ହେବ ବୋଲି ଲାଇସେନ୍ସ ପ୍ରାପ୍ତ ହୋଇଛନ୍ତି ।

## ତାରକସି ମୁକୁଟ, ବନବାସୀ ବସ୍ତ୍ରରେ ଝଲସୁଛନ୍ତି ରାଣୀପାଟଣାର ମା’ ଦୁର୍ଗା

### ଢାକି ବାଦ୍ୟର ତାଳେ ସନ୍ଧ୍ୟା ଆଳତି, ୨୭ ବର୍ଷରେ ପୂଜା ଉତ୍ସବ

ବାଲେଶ୍ୱର(ନି.ପ୍ର.): କଟକର ପ୍ରସିଦ୍ଧ ତାରକସି ମୁକୁଟ ଓ ଭକ୍ତଙ୍କ ପକ୍ଷରୁ ପ୍ରଦତ୍ତ ବନବାସୀ ବସ୍ତ୍ରରେ ସଜ୍ଜିତ ହୋଇଛନ୍ତି ବାଲେଶ୍ୱର ସହରର ରାଣୀପାଟଣା ମା’ ଦୁର୍ଗା । ଚଳିତ ବର୍ଷ ରାଣୀପାଟଣା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ୨୭ତମ ବର୍ଷରେ ପଦାର୍ପଣ କରିଥିବାବେଳେ ପୂଜା ପାଇଁ ୭.୫ ଲକ୍ଷ ଟଙ୍କାର ବଜେଟ୍ ରଖାଯାଇଛି ।ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମା’ଙ୍କୁ କଟକର ସୁନାମଧନ୍ୟ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ତାରକସି ମୁକୁଟରେ ସଜ୍ଜିତ କରାଯାଇଛି । ଭକ୍ତଙ୍କ ଦ୍ୱାରା ପ୍ରଦତ୍ତ ବନବାସୀ ବସ୍ତ୍ର ମା’ଙ୍କ ଶୋଭାକୁ ଆହୁରି ଆକର୍ଷଣୀୟ କରିଛି । ବଙ୍ଗୀୟ କାରିଗରଙ୍କ ଦ୍ୱାରା ନିର୍ମିତ ମୂର୍ତ୍ତି, ଆକର୍ଷଣୀୟ ତୋରଣ ଓ ମନୋରମ ଆଲୋକସଜ୍ଜା ପୂଜାମଣ୍ଡପର ସ୍ୱତନ୍ତ୍ର ଆକର୍ଷଣ ପାଲଟିଛି ।ପ୍ରତ୍ୟେକ ସନ୍ଧ୍ୟାରେ ଢାକି ବାଦ୍ୟର ଗମ୍ଭୀର ତାଳ ସହ ମା’ଙ୍କ ଆଳତି ଭକ୍ତିମୟ ପରିବେଶ ସୃଷ୍ଟି କରୁଛି । ସପ୍ତମୀ ସନ୍ଧ୍ୟାରେ ଶ୍ରୀଶ୍ରୀ ଚଣ୍ଡୀଙ୍କ ଉପରେ ଆଧାରିତ ଭକ୍ତିସଙ୍ଗୀତ ଓ ଗୀତିଆଲେଖ୍ୟ ‘ମାତୃ ବନ୍ଦନା’ ପରିବେଷଣ କରାଯିବ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପୂଜା ଉତ୍ସବର ଅନ୍ୟତମ ଆକର୍ଷଣ ହେବ ।ପୂଜା ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଭକ୍ତଙ୍କୁ ପ୍ରସାଦ ବଂଟନ କରାଯିବ । ନବମୀ ସନ୍ଧ୍ୟାରେ ଝୁଣା ନାଚ ଏବଂ ଦଶମୀ ସନ୍ଧ୍ୟାରେ ମହିଳାମାନଙ୍କ ଦ୍ୱାରା ସିନ୍ଦୂର ଖେଳ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର ବ୍ୟବସ୍ଥା ରହିଛି ।ପୂଜା କମିଟିର ସଭାପତି ପ୍ରଫେସର ଶେଖ୍ ଗିୟାସୁଦ୍ଦିନ, କାର୍ଯ୍ୟକାରୀ ସଭାପତି ଦେବାନନ୍ଦ ପାଣିଗ୍ରାହୀ, ସମ୍ପାଦକ ଜୟ ପ୍ରକାଶ ଦାସ, କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ସାହୁଙ୍କ ସମେତ ଦେବାଶିଷ ଚାଟାର୍ଜୀ, ପ୍ରଭାତ ମହାନ୍ତି, ଦୀପକ ସାହୁ, ପଙ୍କଜ ଅଗ୍ରୱାଲା ଓ ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ପୂଜା ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି ।



## ପ୍ରକୃତିର କୋଳରେ ଜଳରଙ୍ଗର ଯାଦୁ: ନୂଆପଡ଼ା ଓ ବଲାଙ୍ଗୀରରେ ଅନୁଷ୍ଠିତ ହେବ ଦୁଇଦିନିଆ ଚିତ୍ରକଳା ଶିବିର

ବାଲେଶ୍ୱର, (ନି.ପ୍ର.): ପଶ୍ଚିମ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ, କଳା ଓ ସଂସ୍କୃତିକୁ ଜଳରଙ୍ଗରେ ଜୀବନ୍ତ ରୂପ ଦେବା ଉଦ୍ଦେଶ୍ୟରେ ଆସନ୍ତା ଅକ୍ଟୋବର ୨୪ ଓ ୨୫ ତାରିଖରେ ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାରେ ଦୁଇଦିନିଆ ପ୍ଲେନ୍ ଏୟାର୍ ଜଳରଙ୍ଗ ଚିତ୍ରକଳା ଶିବିର ଆୟୋଜିତ ହେବ ।ଏହି ଶିବିରରେ ପଶ୍ଚିମ ଓଡ଼ିଶାର ୧୩ ଜଣ ପ୍ରତିଭାସମ୍ପନ୍ନ ଜଳରଙ୍ଗ ଚିତ୍ରଶିଳ୍ପୀ କେଦାର ନାୟକ, ମନୋରଞ୍ଜନ ଜୟପୁରିଆ, ଚିନ୍ତାମଣି ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ମେହେର, ସୁଶାନ୍ତ ମେହେର, ବୃନ୍ଦାବନ ବିଶୀ, ପ୍ରଭୁଦାୟଲ ତୀର୍କି, ବିକାଶ ମାଝୀ, ନୀତିଶ କୁମାର ସାହୁ, ଦକ୍ଷ ଜୟପୁରିଆ, ପ୍ରିୟାଂଶି ପ୍ରିୟଦର୍ଶିନୀ ପ୍ରଧାନ, ଦିବ୍ୟାଂଶୀ ସ ଓ କନିଷ୍କା ସ ଅଂଶଗ୍ରହଣ କରିବେ ।ଶିବିରର ପ୍ରଥମ ଦିନ ଅକ୍ଟୋବର ୨୪ରେ ବଲାଙ୍ଗୀର ଜିଲ୍ଲାର ଐତିହାସିକ ସ୍ଥଳୀ ରାଣୀପୁର ଝରିଆଲରେ ଏବଂ ଦ୍ୱିତୀୟ ଦିନ ଅକ୍ଟୋବର ୨୫ରେ ନୂଆପଡ଼ା ଜିଲ୍ଲାର ତିଖାଲି ଡ୍ୟାମ୍ ?ଠାରେ ଚିତ୍ରକଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶିଳ୍ପୀମାନେ ଏହି ସ୍ଥାନଗୁଡ଼ିକର ପ୍ରାକୃତିକ ପରିବେଶ, ଜଳରାଶି, ସବୁଜିମା ଓ ଐତିହାସିକ କୀର୍ତ୍ତିରାଜିକୁ ସାମ୍ନାରେ ରଖି ସିଧାସଳଖ କାଗଜରେ ଜଳରଙ୍ଗ ମାଧ୍ୟମରେ ଚିତ୍ର ଆଙ୍କିବେ ।ପ୍ରକୃତିକୁ ନିକଟରୁ ଅନୁଭବ କରି ଚିତ୍ରାଙ୍କନ କରିବାର ଏହି ପଦ୍ଧତିକୁ ‘ପ୍ଲେନ୍ ଏୟାର୍ ପେଂଟିଂ’ କୁହାଯାଏ । ଏହା କେବଳ ଏକ ଚିତ୍ରକଳା ଶିବିର ନୁହେଁ, ବରଂ ପ୍ରକୃତି ଓ କଳା ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ଼ କରିବା ସହ ପଶ୍ଚିମ ଓଡ଼ିଶାର ସମୃଦ୍ଧ କଳାତ୍ମକ ଓ ସାଂସ୍କୃତିକ ପରିଚୟକୁ ବ୍ୟାପକ ଭାବେ ପ୍ରଚାର କରିବାର ଏକ ଅଭିନବ ପ୍ରୟାସ ।ଏହି କଳାତ୍ମକ ଆୟୋଜନରେ ଯୋଗଦେବା ପାଇଁ କଳାପ୍ରେମୀ, ଚିତ୍ରକଳା ଅନୁରାଗୀ ଓ ସାଧାରଣ ଜନତାଙ୍କୁ ଆୟୋଜକଙ୍କ ପକ୍ଷରୁ ଆମନ୍ତ୍ରଣ କରାଯାଇଛି ।

## ୩୮ ବର୍ଷ ପରେ ଘରୋଇ ମେଢ଼ ସାର୍ବଜନୀନରେ ପରିଣତ



ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ଟାଉନଥାନା ଅନ୍ତର୍ଗତ ଗୋପାଳଗାଁ ସାରଳା ଘରୋଇ ଦୁର୍ଗାପୂଜା ଏଥର ସାର୍ବଜନୀନରେ ପରିଣତ ହୋଇଛି । ଚଳିତ ବର୍ଷ ଗୋପାଳଗାଁ ଯୁବସଂଘ ଆନୁକୂଲ୍ୟରେ ୩୯ତମ ସାମ୍ବତ୍ସରିକ ଦୁର୍ଗାପୂଜା ଉତ୍ସବ ଧୁମଧାମରେ ପାଳନ କରାଯାଉଛି । ଗତ ୧୬ ତାରିଖ ଠାରୁ ବିଲ୍ୱାଧିବାସ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅଦ୍ୟାବଧି ମା’ଙ୍କ ପୀଠସ୍ଥଳୀରେ ଅଷ୍ଟମୀ, ବୀରାଷ୍ଟମୀ ପୂଜା ସମ୍ପନ୍ନ ହୋଇଛି । ଗୋପାଳଗାଁ ଯୁବସଂଘ ଆନୁକୂଲ୍ୟରେ ୩୯ତମ ଶାରଦୀୟ ପାର୍ବଣ ପୂଜା ସ୍ଥାନୀୟ ଅଂଚଳର ବାସିନ୍ଦାଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ସହ ଭଜନ, କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରସାଦ ବିତରଣ ବିଧି ଅନୁଯାୟୀ ବ୍ୟବସ୍ଥା କରାଯାଇଛି ।  ଏହି ପୂଜା ଆସନ୍ତା ୨୨ ତାରିଖ ସିଧାସଳଖ ଟାଉନହଲ ହୋଇ ସିନେମାଛକ ଦେଇ ବାଲିଘାଟ ଠାରେ ବିସର୍ଜିତ ହେବ ।

# ୧୨ବର୍ଷର ସଂଘର୍ଷ ପରେ ବିଜୟ ଉତ୍ସବ

ବ୍ରହ୍ମପୁର(ନିପ୍ର): ବର୍ଷ ବର୍ଷ ଧରି ଅନ୍ଧାରରେ ପଡି ରହିଥିବା ମେଡିକାଲ ବ୍ୟାଙ୍କ କଲୋନୀର ସ୍ୱର ଗତକାଲି ହନୁମାନ ମନ୍ଦିର ପରିସରରେ ଗର୍ଜି ଉଠିଥିଲା । ସହରା ତଳି କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଆୟୋଜିତ ବିଜୟ ସମାବେଶରେ ପ୍ରମୁଖ ଲୋକଙ୍କ ଉପସ୍ଥିତି ଏହି ଅଂଚଳର ନୂଆ ଜାଗରଣର ସଙ୍କେତ ଦେଇଛି । ମେଡିକାଲ ବ୍ୟାଙ୍କ କଲୋନୀ କମିଟି ସଭାପତି ସୁବାଷ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇ ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଲେ ଯେ ଏହି ବିଜୟ ୧୨ ବର୍ଷର ଦୀର୍ଘ ଲଢ଼େଇର ପରିଣାମ । ସେ କହିଲେ 'ଯେତେବେଳେ କେହି ଶୁଣୁ ନଥିଲେ, ସେତେବେଳେ ଆମେ ଏକା ଲଢ଼ିଥିଲୁ । ଆଜି ୧୪ ପଂଚାୟତ ବ୍ରହ୍ମପୁର ସହରରେ ମିଶିଛି, ଏହା କେବଳ ମୋର ନୁହେଁ, ଏ ବିଜୟ ଆପଣ ସମସ୍ତଙ୍କର । କିନ୍ତୁ ମନେ ରଖନ୍ତୁ, ସହରରେ ମିଶିବା ଶେଷ ନୁହେଁ, ଆରମ୍ଭ ।' ଏହି ଅବସରରେ ଶ୍ରୀ ପଟ୍ଟନାୟକ ମୋ ଗଳି, ମୋ



ଦାୟିତ୍ୱ - ଏକ ନୂଆ ଆହ୍ୱାନ ସ୍ଲୋଗାନ ସହ ଏହାର ସଙ୍କଳ୍ପ ସମସ୍ତେ ନେବାକୁ ଆହ୍ୱାନ ଦେଇଥିଲେ । ଏତଦବ୍ୟତୀତ ଏହି ଅବସରରେ ଶ୍ରୀ ପଟ୍ଟନାୟକ ଏକ ଐତିହାସିକ ଘୋଷଣା କରିଛନ୍ତି । 'ଆଜିଠୁ କୌଣସି ନେତା ଆସି ଆମ ଗଳିର ଭାଗ୍ୟ ନିର୍ଦ୍ଧାରଣ କରିବେ ନାହିଁ । ଆମେ ନିଜେ କରିବୁ । ପ୍ରତି ଗଳିରୁ ୧୦ୟ ଜଣ ଯୁବକ ଆଗକୁ ଆସିବେ । ମନ୍ଦିର ହିଁ ଆମର ଅଫିସ୍ । 'ତାଙ୍କର ଏହି ଘୋଷଣା ପରେ ଉପସ୍ଥିତ ଜନତା କରତାଳି ଧ୍ୱନୀରେ ସ୍ୱାଗତ କରିଥିଲେ । ସଭାର ସବୁଠୁ ଭାବପୂର୍ଣ୍ଣ ମୁହୂର୍ତ୍ତ ଥିଲା ଶେଷ ମୁହୂର୍ତ୍ତ । ଶ୍ରୀ ପଟ୍ଟନାୟକଙ୍କ ଆହ୍ୱାନରେ କହିଲେ ସମସ୍ତେ ନିଜ ନିଜ ମୋବାଇଲର ଟର୍ଚ୍ଚ ଜଳାଇ ଅନ୍ଧାକାର ଦୂର କରି ନିଜେ ଅନ୍ୟମାନଙ୍କ ପାଇଁ ଆଲୁଅ ହୁଅନ୍ତୁ । ତତ୍ ପରେ ସମସ୍ତେ ଏକ ସ୍ୱରରେ କହିଲେ - 'ମୋ ଗଳି, ମୋ ଦାୟିତ୍ୱ ! ମୁଁ ମୋ ଗଳିକୁ ସଫା ରଖିବି, ସୁନ୍ଦର କରିବି ଏବଂ ସ୍ମାର୍ଟ ୱାର୍ଡରେ ପରିଣତ କରିବି ।ଏହି ଦୃଶ୍ୟ ସେଠାରେ ଉପସ୍ଥିତ ଥିବା ପ୍ରତ୍ୟେକ ଲୋକଙ୍କ ଆଖିରେ ସ୍ୱପ୍ନ ଓ ମନରେ ଆଶା ଭରି ଦେଇଥିଲା । ଏହି କାର୍ଯ୍ୟକ୍ରମରେ କଲୋନୀର ବରିଷ୍ଠ ନାଗରିକ, ମା' ମାନେ ଓ ଯୁବଶକ୍ତି ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସ୍ଥାନୀୟ ବ୍ୟାଙ୍କ କଲୋନୀ କମିଟି ପକ୍ଷରୁ ସୁବାଷ ପାତ୍ର ଉତରୀୟ ସହର ତଳି ଅଂଚଳ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କୁ ଉତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ଏହି ଉପଲକ୍ଷେ କମିଟି ତରଫରୁ ବିଷ୍ଣୁ ପ୍ରାସାଦ ସାହୁ, କାଳିନ୍ଦୀ ଚରଣ ନାୟକ, ଏମ୍ ଲାବଣ୍ୟ ପାତ୍ର, ବିଜୟ କୁମାର ବେହେରା, କିଶୋର ପାତ୍ର, ଲକ୍ଷ୍ମୀ କାନ୍ତ ଜେନା ପ୍ରମୁଖ କମିଟି ସହ ଜଡ଼ିତ ଏବଂ ଆନ୍ଦୋଳନ ସମୟର ଅନୁଭୂତି ଓ ଅଭିଜ୍ଞତା କୁ ରଖି କହିଥିଲେ ଯେ ଏକ ଅବିଶ୍ୱସନୀୟ ଐତିହାସିକ ସଫଳତା ହାସଲ ହେଇଚି । ଏହି ମୁହୂର୍ତକୁ ସମସ୍ତେ ଅନୁଭବ କରି ପାରିଲେ ଏହା ବିକାଶର ମାର୍ଗ ପ୍ରଶସ୍ତ କରିବ । ପରିଶେଷର କମିଟି ସହ ଜଡିତ ଥିବା ତଥା ମହାନଗର ସ୍ୱପ୍ନ ନେଇ ଆନ୍ଦୋଳନରେ ଭାଗ ନେଇ ପରଲୋକ ଗମନ କରିଥିବା କିଛି ସଦସ୍ୟଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଥିଲା । ଆଜିର ସଭାରେ ସଭାପତିଙ୍କ ବ୍ୟତିତ ଉପ ସଭାପତି ଦେବୀ ପ୍ରସାଦ ଦାସ, ସଂଗଠନ ସମ୍ପାଦକ ଲକ୍ଷ୍ମୀ କାନ୍ତ ଜେନା, ଚନ୍ଦନା ଗୌଡ଼, ସଙ୍ଗୀତା ନାୟକ, ମଧୁସ୍ମିତା ପାତ୍ର, ବିରୂପାକ୍ଷ ଶତପଥୀ, ଶରତ ଚନ୍ଦ୍ର ପଟ୍ଟନାୟକ, ପ୍ରମୋଦ ଚନ୍ଦ୍ର ଚ୍ୟାୟୁ ପଟ୍ଟାୟକଙ୍କ, ଡି ତାତେୟା, ପି କୁମାର ସ୍ୱାମୀ ପାତ୍ର, ବିଷ୍ଣୁ ପ୍ରାସାଦ ସାହୁ , ରାମ କୃଷ୍ଣ ଲେଙ୍କା, ଜେ ବିଜୟ କୁମାର ପାତ୍ର, ସୂରଜ ଦାସ, ସୁନୀଲ ପାତ୍ର, ଶ୍ରୀମନ୍ତ ପାଣିଗ୍ରାହୀ, ନାରାୟଣ ସାହୁ, ଜେ ବନଜା କୁମାରୀ ପାତ୍ର, ଡ ଏସ କେ ପଣ୍ଡା, ଡି ବିଜୟ ଓ କାଳିନ୍ଦି ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଭିଡ଼ରେ ଅଣନିଃଶ୍ୱାସୀ ରାଜଧାନୀ

ଭୁବନେଶ୍ୱର: ପୂଜାର ମାହୋଲ ଯେତେ ଆଗକୁ ବଢୁଛି, ଟ୍ରାଫିକ୍ ? ଭିଡ଼ ରାଜଧାନୀବାସୀଙ୍କୁ ସେତେ ଅଣନିଃଶ୍ୱାସୀ କରିପକାଉଛି । ଚାରିଚକିଆ ଗାଡ଼ି କଥା ଛାଡ଼, ଦୁଇଚକିଆ ଗାଡ଼ି ବି ଗଡ଼ିପାରୁନି । ରାଜଧାନୀର ସବୁ ପ୍ରମୁଖ ରାସ୍ତାରେ ଟ୍ରାଫିକ୍ ଜାମ୍ । ରାଜମହଲରୁ ଏଜି ଛକ, ରାଜମହଲରୁ ବାଣୀବିହାର(ଜନପଥ), କଳ୍ପନାରୁ ରସୁଲଗଡ଼ (କଟକରୋଡ୍), ଜୟଦେବବିହାରରୁ ପଟିଆ (ନନ୍ଦନକାନନ ରାସ୍ତା), କଳ୍ପନାରୁ ସାମନ୍ତରାପୁର, ହଂସପାଳରୁ ପଳାଶୁଣୀ, ଆଚାର୍ଯ୍ୟବିହାରରୁ ଗାଡ଼କଣ ସବୁଠି ଭିଡ଼ ଆଉ ଭିଡ଼ । ଗଳିକନ୍ଦି ଅବସ୍ଥା ବି କିଛି କମ୍ ନୁହେଁ । ୧୦ମିନିଟ୍‌ର ରାସ୍ତାକୁ ଅତିକ୍ରମ କରିବା ଲାଗି ନିହାତି ଅଧଘଂଟା ଲାଗୁଛି । ପୂଜା ପାଇଁ କିଣାକିଣି କରିବାକୁ ଆସୁଥିବା ଗ୍ରାହକଙ୍କ ସଂଖ୍ୟା ଯେତିକି, ପୂଜା ମଣ୍ଡପ ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ତା'ଠୁ ବେଶି । ରାଜମହଲରୁ ଏଜି ଛକ ରାସ୍ତାରେ ବେଆଇନ୍ ପାର୍କି ଏହି ଭିଡ଼ର ମୂଳ କାରଣ । ଚଉଡ଼ା ରାସ୍ତା ବୋଲି ଯିଏ ଯେଉଁଠି ପାରିଲା ଗାଡ଼ି ପାର୍କି କଲା । ବିଶେଷକରି କ୍ୟାପିଟାଲ୍ ଥାନା ଠାରୁ ୟୁନିଟ୍-୧ ହାଟ ସମ୍ମୁଖ ଦେଇ ଏଜି ଛକ ଫୁଲ ଦୋକାନ ପର୍ଯ୍ୟନ୍ତ ହଜାର ହଜାର ବାଇକ୍ ରାସ୍ତା ଉପରେ ପାର୍କି ହେଉଛି । ଅଧାରାସ୍ତାକୁ ବାଇକ୍‌ଗୁଡ଼ିକ ମାଡ଼ି ବସୁଛନ୍ତି । ଅବ୍ୟବସ୍ଥିତ ପାର୍କି ପାଇଁ ଲୋକଙ୍କୁ ଟ୍ରାଫିକ୍ ଯନ୍ତ୍ରଣାରେ କଲବଲ ହେବାକୁ ପଡୁଛି । ଭିଡ଼ ହଟାଇବାକୁ ୫୫ଜଣ ଉଠାଦୋକାନୀଙ୍କୁ ଏଠାରେ ହଟାଗଲା ପରେ ବି ବାଇକ୍‌ଗୁଡ଼ିକର ବେଆଇନ ପାର୍କି ପୂର୍ବାବସ୍ଥାକୁ ବଳେଇଯାଇଛି । ଭୁବନେଶ୍ୱର କୋର୍ଟ ଓ ବିଜେବି କଲେଜ ସମ୍ମୁଖ ରାସ୍ତାର ସ୍ଥିତି ବଦଳିପାରିନି । ଏବେ ବି ହଜାର ହଜାର ଦୁଇଚକିଆ, ଚାରିଚକିଆ ରାସ୍ତା ଉପରେ ପାର୍କି ହେଉଛନ୍ତି । ଭୁବନେଶ୍ୱରରୁ ପୁରୀ ପାଇଁ ଏହି ପ୍ରମୁଖ ରାସ୍ତାରେ ହେଉଥିବା ବେଆଇନ୍ ପାର୍କି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି । ରସୁଲଗଡ଼ ଛକରେ ଅସରନ୍ତି ଯନ୍ତ୍ରଣା । ଏବେ ସିନା ପୂଜା ପାଇଁ ଭିଡ଼ । ପୂର୍ବରୁ ଏଠି ଭିଡ଼ ନିତିଦିନିଆ କଥା । ଆଜି ରସୁଲଗଡ଼, ପଳାଶୁଣୀ, କଳ୍ପନା ଓ ବାଣୀବିହାର ରାସ୍ତା ଭିଡ଼ରେ ଛନ୍ଦି ହୋଇଯାଇଥିଲା । ପଳାଶୁଣୀ ପାର୍ଶ୍ୱରେ ପୁଲିସ ଠିଆ ହୋଇ ଭିଡ଼କୁ ନିୟନ୍ତ୍ରଣ କରିବାକୁ ପ୍ରଚେଷ୍ଟା କରିଥିଲେ ବି ଅମାନିଆଙ୍କୁ ଅଟକାଇ ପାରିନି । ଆଜି ବି ଲୋକେ ରଙ୍ଗ୍ ରୁଟ୍‌ରେ ଯା'ଆସ କରି ଭିଡ଼ ବଢ଼ାଇଛନ୍ତି । ସେପଟେ ଅମାନିଆ ବସ୍ ଚାଳକମାନେ ମନଇଚ୍ଛା ଗାଡ଼ି ଅଟକାଇ ଯାତ୍ରୀ ଉଠାଉଥିବା ଓ ମାଲ୍ ଅନ୍‌ଲୋଡ୍ କରୁଥିବାରୁ ଅଯଥା ଭିଡ଼ ବଢ଼ିଛି ।

# ମାନସିକ ପୂରଣ ପାଇଁ ବେକରେ ବିଷଧର ସାପ

ବାରିପଦା(ନିପ୍ର): ସାପ ନାଁ ଶୁଣିଲେ ଅନେକଙ୍କ ମନରେ ଭୟ ସୃଷ୍ଟି ହୋଇଥାଏ । ହେଲେ ମୟୂରଭଞ୍ଜ ଜିଲ୍ଲା ମୋରଡ଼ାରେ ଦେଖିବାକୁ ମିଳିଛି ଏକ ନିଆରା ଧାର୍ମିକ ପରମ୍ପରା । ମାନସିକ ପୂରଣର ବିଶ୍ୱାସ ନେଇ ମା' ମନସାଙ୍କ ପୂଜାରେ ଯୋଗ ଦେଉଛନ୍ତି ଶ୍ରଦ୍ଧାଳୁ । ଏପରିକି ଘଟ ଉତୋଳନ ସମୟରେ କେତେକ ମାନସିକ ଧାରୀଙ୍କ ବେକରେ ଜୀବନ୍ତ ସାପ ଦେଖିବାକୁ ମିଳିଛି । ଏହି ପରମ୍ପରାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଜୀବନ୍ତ ବିଷଧର ସାପ ସହ ଏଭଳି ଆଚରଣ ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ସୃଷ୍ଟି କରିଛି । ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଚିକିଟାମାଟିଆ ପଂଚାୟତ ଅନ୍ତର୍ଗତ ଫୁଲଝରି ଗ୍ରାମରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା' ମନସା ଦେବୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ । ପ୍ରତିବର୍ଷ ଡାକ ସଂକ୍ରାନ୍ତି ଅବସରରେ ଆୟୋଜିତ ଏହି ପୂଜାର ଏକ ନିଆରା ବିଶେଷତ୍ୱ ରହିଛି । ପରମ୍ପରା ଅନୁଯାୟୀ, ମାନସିକଧାରୀ ମହିଳା ଓ ପୁରୁଷ ମାନେ ମୁଣ୍ଡରେ କଳସ ଧାରଣ କରି ଗାଁ ପୋଖରୀରୁ ଜଳ ଆଣିବାକୁ ଯାଇଥାନ୍ତି । ଏହି ସମୟରେ କେତେକ ଶ୍ରଦ୍ଧାଳୁଙ୍କ ବେକରେ ଜୀବନ୍ତ ସାପ ଗୁଡ଼ାଇ ହୋଇଥିବା ଦୃଶ୍ୟ ଦେଖିବାକୁ ମିଳେ । ମା'ଙ୍କ ସ୍ତୁତିଗାନ କରି ଶ୍ରଦ୍ଧାଳୁ ମାନେ ପୂଜା ମଣ୍ଡପରେ ପହଂଚିବା ପରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ । ନିଜ ନିଜର ମନସ୍କାମନା ପୂରଣ ଆଶାରେ ଦୂରଦୂରାନ୍ତରୁ ଅନେକ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି । ମା' ମନସାଙ୍କ ପ୍ରତି ଗଭୀର ଆସ୍ଥା ଓ ବିଶ୍ୱାସ ରଖି ଭକ୍ତମାନେ ଏହି ପୂଜାରେ ସାମିଲ ହୁଅନ୍ତି । ଚିକିଟାମାଟିଆ ସମିତି ସଭ୍ୟ ଉପେନ୍ଦ୍ର ମହାନ୍ତଙ୍କ ଆୟୋଜନରେ ହେଉଥିବା ଏହି ପୂଜାରେ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗ ରହିଥାଏ । ପିଢ଼ି ପରେ ପିଢ଼ି ଚାଲିଆସୁଥିବା ଏହି ପରମ୍ପରା ଗ୍ରାମର ଧାର୍ମିକ ଓ ସାଂସ୍କୃତିକ ଜୀବନ ସହ ଜଡ଼ିତ ହୋଇରହିଛି । ତେବେ ଧାର୍ମିକ ଆସ୍ଥା ଓ ପରମ୍ପରା ନିଜ ସ୍ଥାନରେ ଥିବାବେଳେ ଜୀବନ୍ତ ବିଷଧର ସାପ ସହ ଏଭଳି ନିକଟତର ହେବା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ । ସାପ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ, ସାପକୁ ଧରିବା କିମ୍ବା ତାହା ସହ ଅସୁରକ୍ଷିତ ଭାବେ ନିକଟତର ହେବା ଉଚିତ ନୁହେଁ । ସାପ କାମୁଡ଼ିଲେ ତୁରନ୍ତ ହସ୍ପିଟାଲରେ ଚିକିତ୍ସା ନେବା ଆବଶ୍ୟକ । ପରମ୍ପରାର ସୁରକ୍ଷା ସହ ମଣିଷ ଓ ବନ୍ୟଜୀବଙ୍କ ସୁରକ୍ଷା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ତେଣୁ ଧାର୍ମିକ ବିଶ୍ୱାସକୁ ସମ୍ମାନ ଦେବା ସହ ସାପ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ମା'ଙ୍କ ଦର୍ଶନଲାଗି ଚାଲିଛି ଭକ୍ତଙ୍କ ଗହଳି

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ର ୧୩ ପୂଜା ମଣ୍ଡପରେ ଶନିବାର ଓ ରବିବାର ୨ଦିନ ଧରି ମା ଦଶଭୂଜାଙ୍କ ପୂଜା ଧୁମଧାମରେ ପାଳିତ ହେଉଛି । ଶନିବାର ବିଭିନ୍ନ ପୂଜାମଣ୍ଡପରେ ବ୍ରତୀ ମାନଙ୍କ ଦ୍ୱାରା କଳସ ଅଣାଯାଇଥିଲା । ପଣ୍ଡିତ ଓ ବ୍ରାହ୍ମଣ ମାନଙ୍କ ଦ୍ୱାରା ମା ଙ୍କୁ ଆବାହନ ପରେ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା । ସଂଧ୍ୟାରେ ମାଙ୍କ ଦର୍ଶନ ଲାଗି ଭକ୍ତଙ୍କ ଭିଡଲାଗି ରହିଛି । ସାରଡାଙ୍ଗ ପଂଚାୟତର ଅଲିପୁର ଠାରେ ଚାଲିଆସୁଥିବା ମାଙ୍କ ପୂଜା ୩୩ ବର୍ଷରେ ପଦାର୍ପଣ କରିଥିବା ବେଳେ ଚଳିତ ବର୍ଷ ମହାଆଡମ୍ବରରେ ପାଳିତ ହେଉଛି । ଶନିବାର ଗ୍ରାମର ମହେଶ୍ୱର ପୃଷ୍ଟି, ଦିପକ ପୃଷ୍ଟି, ଉମାକାନ୍ତ ପୃଷ୍ଟି, ଗଦାଧର ଚକ୍ର, ନିଳମଣି ଚକ୍ର, ନାରାୟଣ ଚକ୍ର,



ଶ୍ରୀଧର ଚକ୍ରଙ୍କ ଦ୍ୱାରା କଳସ ଅଣାଯିବା ପରେ ଆକାଶ ପଣ୍ଡା, ଜୟନ୍ତ ପଣ୍ଡା ଓ ଦିବ୍ୟ ପ୍ରକାଶ ପଣ୍ଡାଙ୍କ ଦ୍ୱାରା ଚଣ୍ଡୀପାଠ ଓ ଉପଚାରପୂଜା ଅନୁଷ୍ଠିତ ହୋଇଥିଲା । ସେହିଭଳି ମହତୀପୁର ଠାରେ ୨୦୦୬ ମସିହାରୁ ଆରମ୍ଭ ହୋଇଥିବା ମାଙ୍କ ପୂଜାକୁ ଭବ୍ୟ ଓ ଦିବ୍ୟ କରିବାକୁ କମିଟି ସଭାପତି ରଘୁନାଥ ମହାନ୍ତି, ସମ୍ପାଦକ ଗୟାଧର ଜେନା, ସହ-ସମ୍ପାଦକ ବସନ୍ତ କୁମାର ପାତ୍ର ଙ୍କ ସମେତ ସମସ୍ତ ସଭ୍ୟ ସ୍ୱତନ୍ତ୍ର ପ୍ରସ୍ତୁତି ଚଳାଇଛନ୍ତି । ସ୍ୱର୍ଗତ ଭଗବାନ ପାତ୍ର, ଉମାକାନ୍ତ ଗିରି, ରଙ୍ଗାଧର ରାଉଳ ଙ୍କ ପ୍ରଚେଷ୍ଟାରେ ଏହି ପୂଜାର ମୁଳଦୁଆ ପଡିଥିଲା । ଏହାଛଡା ଗଣ୍ଡିବେଢ ଦୂର୍ଗାପୂଜା କମିଟିର ସଭାପତି ବିଜୟ କେତନ ନାୟକ, ମାନସ ରଞ୍ଜନ ରାଉଳ,ଉପସଭାପତି ରାମଚନ୍ଦ୍ର ବେହେରା, ସହ-ସମ୍ପାଦକ ବାବାଜୀ ଚରଣ ମହାନ୍ତି, କୋଷାଧକ୍ଷ ଇନ୍ଦୁ ଭୁଷଣ ପ୍ରଧାନ ପ୍ରମୁଖ ପ୍ରଚେଷ୍ଟାରେ ପୂଜା ଓ ତୋରଣ କୁ ବେଶ ଆକର୍ଷଣୀୟ କରାଯାଇଛି । ପ୍ରତ୍ୟେକ ଦିନ ଭଜନସଂକୀର୍ତନ କାର୍ଯ୍ୟକ୍ରମ ମହାସମାରୋହରେ ଚାଲିଥିବା ବେଳେ ଅନ୍ୟଦିନ ମାନଙ୍କରେ ପାଇକଆଖଡା ଓ ଅର୍କେଷ୍ଟ୍ରା ପରିବେଶଣ କରାଯିବାର କାର୍ଯ୍ୟକ୍ରମ ରହିଛି । ବ୍ଲକର ଖଇରା, ଡଙ୍ଗୁରା, ସୁଣ୍ଡିରା, ସାରଡାଙ୍ଗ, ମଛଦା, ଡାଳଙ୍ଗ, ବାରାପୁର, ପତିରାଜପୁର, କୁପାରୀ, ନହଙ୍ଗ,ରଟିଣା, ହରିପୁରରେ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଧୁମଧାମରେ ଚାଲିଛି ।

# ଗଞ୍ଜେଇ ଚାଷୀଙ୍କୁ ଖୋଜିଖୋଜି ବାନ୍ଧୁଛି ପୁଲିସ: ୯ ଗିରଫ, ୩୦ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ

ଫୁଲବାଣୀ(ନିପ୍ର): ଗଞ୍ଜେଇ ମୁକ୍ତ କନ୍ଧମାଳ ଅଭିଯାନକୁ ପୁଲିସ ଏବେ ଜୋର ଦାର କରିଥିବା ବେଳେ ବେଆଇନ ଗଞ୍ଜେଇ ଚାଷୀଙ୍କୁ ଖୋଜି ଖୋଜି ବାନ୍ଧୁଛି । ୯ ବେଆଇନ ଗଞ୍ଜେଇ ଚାଷୀଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଗୋଛାପଡ଼ା ଥାନା ଅନ୍ତର୍ଗତ ଲୁଇସିଂ ଗ୍ରାମପଂଚାୟତ ରାଇଗଡ଼ ଗ୍ରାମର ମହେଶ୍ୱର କହଁର (୩୫), ଡାକୁଡ଼ି ଗ୍ରାମର ରାଜୀବ ମଲିକ (୩୦), ରୁକୁପଦର ଗ୍ରାମର ମାନସ ମଲିକ (୨୪) ଓ ପବିତ୍ର ମଲିକ (୪୦), ବାଲିଗୁଡ଼ା ଥାନା ଅନ୍ତର୍ଗତ ରୁଟୁଙ୍ଗିଆ ଗ୍ରାମର ବେଣୁଧର ପ୍ରଧାନ (୪୦), ବୌଦ୍ଧ କଂଟାମାଳ ଥାନା ଅନ୍ତର୍ଗତ ରେଗଡୁଲୁ ଗ୍ରାମର ମୁକ୍ତେଶ୍ୱର କର୍ମୀ (୨୮), ପିପଲପଲ୍ଲୀ ଗ୍ରାମର ସନ୍ତୋଷ ସାହୁ (୨୨), ବାଦୁଲ ଗ୍ରାମର ସମ୍ରାଟ ଭୋଇ (୩୪) ଓ ସମ୍ବଲପୁର ରେଢ଼ାଖୋଲ ଥାନା ଅନ୍ତର୍ଗତ ଘୁସୁରୁମାହା ଗ୍ରାମର ନକୁଳ ମାଝୀ (୩୧) । ଏମାନେ ଗତ କିଛି ବର୍ଷ ଧରି ଗୋଛାପଡ଼ା ଥାନା ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ସଫା କରି ସ୍ଥାନୀୟ ଆଦିବାସୀଙ୍କୁ ଲଗାଇ ବ୍ୟାପକ ଅଂଚଳରେ ବେଆଇନ ଗଞ୍ଜେଇ ଚାଷ କରି ଆସୁଥିଲେ । ସ୍ଥାନୀୟ ଅଂଚଳ ବାସୀଙ୍କ ପାଇଁ ଉଦ୍ଦିଷ୍ଟ ଉଠା ଜଳ ସେଚନ ପଏଂଟ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଜଳକୁ ଗଞ୍ଜେଇ ଚାଷ ପାଇଁ ବ୍ୟବହାର କରି ଆସୁଥିଲେ । ଏମାନେ ଚାଷ କରିଥିବା ୩୦ ଏକର ଜମିରୁ ଗଞ୍ଜେଇ ଫସଲ ନଷ୍ଟ କରାଯାଇଛି । ଏହା ସହିତ ଅଭିଯୁକ୍ତଙ୍କଠାରୁ ବିପୁଳ ପରିମାଣର ରାସାୟନିକ ସାର ଏବଂ ଅନ୍ୟାନ୍ୟ ଉପକରଣ ଜବତ କରାଯାଇଛି । ଗତ ସପ୍ତାହରେ କନ୍ଧମାଳ ପୁଲିସ ୩ ଜଣ ଗଞ୍ଜେଇ ଚାଷୀଙ୍କୁ ଗିରଫ କରିଥିଲା । କନ୍ଧମାଳ ଏସ୍.ପି ରମେନ୍ଦ୍ର ପ୍ରସାଦଙ୍କ ନେତୃତ୍ୱରେ ପ୍ରଥମ ଥର ପାଇଁ କନ୍ଧମାଳ ଜିଲ୍ଲାର ଘଂଚ ଜଙ୍ଗଲ ଅଂଚଳରେ ଚାଷ କରିଥିବା ଗଞ୍ଜେଇ ଚାଷୀଙ୍କୁ ଟାର୍ଗେଟ୍ କରାଯାଇଛି । ଏହା ପରେ ବେଆଇନ ଗଞ୍ଜେଇ ଚାଷ ଓ ନିଶା କାରବାରରେ ଅର୍ଥ ଲଗାଇଥିବା ବ୍ୟକ୍ତିମାନଙ୍କର ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍.ପି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସଦର ଏସ୍.ଡିପି ଓ ଶୁଭ୍ରଜିତ ବିଶ୍ୱାଳ, ଗୋଛାପଡ଼ା ଥାନାଧିକାରୀ ଶୁଭ୍ରଜିତ ସାମନ୍ତରାୟ, ସବ୍‌ଇନ୍ସପେକ୍ଟର ଅଶୋକ ପରିଡ଼ା ଉପସ୍ଥିତ ଥିଲେ ।

# ସଡ଼କ ଦୁର୍ଘଟଣାରେ ଶାଶୂ ଓ ଜ୍ୱାଇଁ ମୃତ; ୫ ଆହତ

ଯୁଯୁମୁରା: ସମ୍ବଲପୁର-କଟକ ୫୫ ନମ୍ବର ଜାତୀୟ ରାଜପଥର ଜାମଟାଲ ନିକଟରେ ବିଳମ୍ବିତ ରାତିରେ ଏକ ସ୍କର୍ପିଓ ଗାଡ଼ି ଦୁର୍ଘଟଣା ଗ୍ରସ୍ତ ହେବାରୁ ଶାଶୂ ଓ ଜ୍ୱାଇଁଙ୍କ ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାରେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି । ମୃତକ ଦ୍ୱୟ ଛତିଶଗଡ଼ର ରାୟପୁର ଅଂଚଳର ପାୟଲ ଦାସ ଓ ଶେଖର ମହାରାଜ ବୋଲି ଜଣାପଡ଼ିଛି । ଆହତ ବୁର୍ଲା ଭିମସାରରେ ଭର୍ତି ସୂଚନା ଅନୁଯାୟୀ, ଗୋଟିଏ ପରିବାରର ୭ ଜଣ ଏକ ସ୍କର୍ପିଓ ଗାଡ଼ିରେ ଯାତ୍ରା କରୁଥିଲେ । ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଗାଡ଼ିଟି ଜାମଟାଲ ନିକଟରେ ରାସ୍ତାର ଡିଭାଇଡରରେ ପିଟି ହୋଇଯାଇଥିଲା । ଫଳରେ ଗାଡ଼ିରେ ଥିବା ଦୁଇ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୫ ଜଣ ଆହତ ହୋଇଥିଲେ । ଦୁର୍ଘଟଣା ପରେ ଆହତମାନଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମସାରରେ ଭର୍ତି କରାଯାଇଛି । ଘଟଣାସ୍ଥଳରେ ଯୁଯୁମୁରା ପୁଲିସ ପହଂଚି ତଦନ୍ତ ଆରମ୍ଭ କରିଛି । ମୃତକଙ୍କ ଶବ ଉଦ୍ଧାର କରାଯାଇ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମର୍ଗକୁ ପଠାଯାଇଛି । ଦୁର୍ଘଟଣାର ପ୍ରକୃତ କାରଣ ସମ୍ପର୍କରେ ପୁଲିସ ତଦନ୍ତ ଜାରି ରଖିଛି ।

# ମନୋରଞ୍ଜନ ବେହେରାଙ୍କ ଏକାଦଶାହ ପାଳିତ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଂଚାୟତ ଅଧୀନ କାକୁଡିଆ ଗ୍ରାମର ଆଦର୍ଶ ପ୍ରଧାନଶିକ୍ଷକ ସ୍ୱର୍ଗତ ମନୋରଞ୍ଜନ ବେହେରାଙ୍କ ଏକାଦଶାହ ପାଳନ ଅବସରରେ ଏକ ସ୍ମୃତିସଭା ଶୁକ୍ରବାର ସଂଧ୍ୟାରେ କାକୁଡିଆ ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି । ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଓଡିଶା ସାମ୍ବାଦିକ ୟୁନିଅନର ଜିଲା ସଭାପତି ଗଙ୍ଗାଧର ରାଉତ, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସାମାଜିକ କର୍ମୀ ଶଶିକୁମାର ସାହୁ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଏମପି ପ୍ରାର୍ଥୀନୀ ମଧୁମିତା ସେଠୀ, ବିଜେଡି ବ୍ଲକ ସଭାପତି ରାଜେନ୍ଦ୍ର ଦାସ, ପିସିସି ସମ୍ପାଦକ ମାନସ କର, କଂଗ୍ରେସ ନେତା ଆଶିଷ ପଟ୍ଟନାୟକ, ସୋରର କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁବ୍ରତ ଧଡା, ଯଜ୍ଞବରାହ ମହାନ୍ତି, କୈଳାସ ବାରିକ, ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ଶରତ ଦାସ, କମଳ ଲୋଚନ ଜେନା,




ବସନ୍ତ ଖିଲାର ଓ ଖଇରା ସାମ୍ବାଦିକ ସଂଘର ସଦସ୍ୟ ମାନେ ଏହି ସଭାରେ ଯୋଗ ଦେଇଥିଲେ । ମନ ସାର ଭାବେ ଚିରପରିଚିତ ମନୋରଞ୍ଜନ ବେହେରା ଜଣେ ନିଷ୍ଠାପର, ସଚ୍ଚୋଟ ଓ ନିସ୍ୱାର୍ଥପର ସେବକ ତଥା ଦରଦୀ ବନ୍ଧୁ ଥିଲେ ବୋଲି ବକ୍ତା ମାନେ ପ୍ରକାଶ କରିଥିଲେ । ନରେନ୍ଦ୍ର ପ୍ରସାଦ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବିମଳ କୁମାର ଜେନା ଓ ସାଥୀ ମାନଙ୍କ ଦ୍ୱାରା ଭଜନ ସଂଧ୍ୟା ପରିବେଷଣ କରାଯାଇଥିଲା । ମନୋରଞ୍ଜନ ବେହେରାଙ୍କ ପୁଅ ତଥା କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Bahanaga, Paikasta, Gopalpur, dated 13.07.2026, I, Baby Lata Mohapatra, aged 32 years, Aadhar Card No. 3238 7194 9162 formerly called Babaiata Mohapatra, W/o-Bhramar Kumar Mohapatra resident of At-Kharasahapur, Po- Rupakhanda, Ps- Anantapur, Dist- Balasore, Pin-756051 declare that I have changed my name from Babaiata Mohapatra to Baby Lata Mohapatra. Henceforth, I shall be known as Baby Lata Mohapatra for all purposes.

Sd/-
**Baby Lata Mohapatra**











# ଶକ୍ତି ଉପାସନାର ବୈଜ୍ଞାନିକ ମହତ୍ତ୍ୱ



◆ହେମନ୍ତ କୁମାର ଗନ୍ତାୟତ

ଆମ ସନାତନ ଧର୍ମର ସଂସ୍କୃତି ଅତୀବ ମହାନ୍ ଏବଂ ବିଜ୍ଞାନ ସମ୍ମତ । ଏହାର ବ୍ୟବହାରିକ ଏବଂ ଆଧ୍ୟାତ୍ମିକ କର୍ମାଦି, ବିଜ୍ଞାନ - ଦାର୍ଶନିକ ତତ୍ତ୍ୱାଦି ଉପରେ ଆଧାରିତ । ତେଣୁ ଏହି ଧର୍ମ ଯୁଗ ଯୁଗ ଧରି ମାନ୍ଦ୍ୱ ସମାଜକୁ ଦିଗ୍ଦର୍ଶନ ଦେଇଚାଲିଛି । ସେଥିମଧ୍ୟରୁ ଗୋଟିଏ ହେଉଛି 'ଶକ୍ତି ଉପାସନା' । ଏହି ତାତ୍ତ୍ୱିକ ( ଶକ୍ତି ଉପାସନା ) ତତ୍ତ୍ୱକୁ ଜାଣିବାକୁ ହେଲେ, ସର୍ବ ପ୍ରଥମେ ଏହାର ଶାବ୍ଦିକ ଓ ଦାର୍ଶନିକ ଅର୍ଥକୁ ବୁଝିବାକୁ ହେବ । ଯେପରି ଶକ୍ତି ଶବ୍ଦର ସଂସ୍କୃତ ଅର୍ଥ 'କାୟଜନନସାମର୍ଥ୍ୟମ୍' । ଅର୍ଥାତ୍ କାୟ ନାମ ଶରୀର ବା କୋଶ ସମୂହ, ଜନନ ନାମ ଉତ୍ପନ୍ନ କରିବା ଏବଂ ସାମର୍ଥ୍ୟମ୍ ନାମ କ୍ଷମତା । ସରଳ ଭାଷାରେ କହିବାକୁ ଗଲେ, ଯେ ସମସ୍ତ ବିଷୟ ସୃଷ୍ଟି କରିବାରେ ସମର୍ଥା ସେ ହେଉଛି ଶକ୍ତି । ବିଜ୍ଞାନ ଅନୁସାରେ, କାର୍ଯ୍ୟ କରିବାର ସାମର୍ଥ୍ୟକୁ ଶକ୍ତି ମଧ୍ୟ କୁହାଯାଏ । ସେଭଳି ଉପାସନାର ଅର୍ଥ ସେବା ବା ଶୁଶ୍ରୁଷା, ସଂସ୍କୃତରେ 'ଉପାସନମିତି' ( ନିକଟରେ ବସିବା) କୁହାଯାଇଛି । ଅର୍ଥାତ୍ ଯାହାଙ୍କ ସମୀପରେ ବସି ଧ୍ୟାନକଲେ ତାହାଙ୍କ ଗୁଣାଦି ହୃଦୟରେ ସଂଚାରିତ ହୁଏ ଏବଂ ପବିତ୍ରତା, ଶାନ୍ତି ଓ ଆନନ୍ଦ ମିଳେ ତାହାକୁ ଉପାସନା କୁହାଯାଏ । ଯାହା ଆଜିର ସମୟରେ ସଭିଙ୍କ ପାଇଁ ଅପରିହାର୍ଯ୍ୟ । ଏହି ଶକ୍ତିକୁ ନେଇ ଆଧୁନିକ ପଦାର୍ଥ ବିଜ୍ଞାନ କହେ ଯେ; ବ୍ରହ୍ମାଣ୍ଡର କୌଣସି ବି ବସ୍ତୁ ସ୍ଥାୟୀ ନୁହେଁ, ସବୁ କିଛି ଶକ୍ତିର ଏକ ରୂପାନ୍ତର ମାତ୍ର । ଆଲବର୍ଟ ଆଇନଷ୍ଟାଇନଙ୍କ ପ୍ରସିଦ୍ଧ ସୂତ୍ର $E=mc^2$ ପ୍ରମାଣିତ କରେ ଯେ, ବସ୍ତୁତ୍ୱ (Matter) ଏବଂ ଶକ୍ତି (Energy) ପରସ୍ପରଠାରୁ ଭିନ୍ନ ନୁହନ୍ତି, ବରଂ ଗୋଟିଏ ଅନ୍ୟରେ ଦେଖାଯାଉଥିବା ରୂପ । ଏ ଉପରେ ଆମ ଭାରତୀୟ ଋଷିମାନେ ହଜାର ହଜାର ବର୍ଷ ପୂର୍ବରୁ ଏହି ସତ୍ୟକୁ ଦର୍ଶନ ଶାସ୍ତ୍ର ମାଧ୍ୟମରେ ପ୍ରକାଶ୍ୟ କରିଛନ୍ତି । ସେମାନେ କହିଥିଲେ ଯେ ସଂସାରର ପ୍ରତ୍ୟେକ କଣିକାରେ 'ଚିତ୍-ଶକ୍ତି' ବା ଚୈତନ୍ୟ ଶକ୍ତି ବିଦ୍ୟମାନ ରହିଛି । ଯାହା ବିଶ୍ୱ ବ୍ରହ୍ମାଣ୍ଡର ମୂଳ ଆଧାର । ଏହା ଦ୍ୱାରା ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟ ନିୟନ୍ତ୍ରିତ ହୋଇଥାଏ । ଆମ୍ଭେମାନେ ଯେଉଁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ କାଳୀ, ସରସ୍ୱତୀ ଓ ଲକ୍ଷ୍ମୀ କିମ୍ବା ନବଦୁର୍ଗା ଏବଂ ଦଶମହାବିଦ୍ୟାଙ୍କୁ ପୂଜା କରୁ, ସେମାନେ ପ୍ରକୃତରେ ପ୍ରକୃତିର ବିଭିନ୍ନ ଶକ୍ତି ଉତ୍ସର ପ୍ରତୀକ ଅଟନ୍ତି । ତେଣୁ ଦେବୀ ମାହାତ୍ମ୍ୟରେ କୁହା ଯାଇଛି: 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା' । ଏ ଶକ୍ତିକୁ ନେଇ ସାଂଖ୍ୟ ଦର୍ଶନର ପ୍ରବର୍ତ୍ତକ ମହର୍ଷି କପିଳ କହିଛନ୍ତି ଯେ, ପ୍ରକୃତି (ଶକ୍ତି) ହେଉଛି ସମଗ୍ର ବ୍ରହ୍ମାଣ୍ଡର ମୂଳ କାରଣ । ସାଂଖ୍ୟ ମତରେ ସମଗ୍ର ସୃଷ୍ଟିରେ ଦୁଇଟି ମୂଳ ତତ୍ତ୍ୱ ରହିଛି, ଯଥା: ପ୍ରକୃତି ଓ ପୁରୁଷ । ପ୍ରକୃତି ସତ୍ତ୍ୱ, ରଜଃ ଓ ତମଃ ତ୍ରିଗୁଣର ଅଧିକାରୀଣୀ । ଏହି ଗୁଣ ଗୁଡ଼ିକ ଯେତେ ପର୍ଯ୍ୟନ୍ତ ସନ୍ତୁଳିତ ଥାଆନ୍ତି, ସୃଷ୍ଟି ଅବ୍ୟାକୃତ ଅବସ୍ଥାରେ ରହିଥାଏ ଏବଂ ଯେତେବେଳେ ସନ୍ତୁଳନ ବିଗିଡ଼ିଯାଏ ସୃଷ୍ଟିର ବିକାଶ ପ୍ରକ୍ରିୟା ଆରମ୍ଭ ହୁଏ । କିନ୍ତୁ ସାଂଖ୍ୟ ମତରେ ପୁରୁଷ ନିଷ୍କ୍ରିୟ ଓ ଶୁଦ୍ଧ ଚେତନମୟ । ଏ ପୁରୁଷ କୌଣସି କାର୍ଯ୍ୟ କରନ୍ତି ନାହିଁ, ବରଂ କେବଳ ସାକ୍ଷୀ ଭାବେ ରହନ୍ତି । ଯେବେ ପ୍ରକୃତି ଏବଂ ପୁରୁଷ ପରସ୍ପର ନିକଟତର ହୁଅନ୍ତି, ସେ ସମୟରେ ସୃଷ୍ଟିର ସର୍ଜନା ହୋଇଥାଏ । ପରନ୍ତୁ ଭୌତିକ ବିଜ୍ଞାନର ନିୟମ ଅନୁସାରେ, ବ୍ରହ୍ମାଣ୍ଡରେ ଥିବା ମୋଟ ଶକ୍ତିର ପରିମାଣ ସର୍ବଦା ସମାନ ବା ସ୍ଥିର ରହେ । ଏହି ଶକ୍ତିକୁ କେବେ ସୃଷ୍ଟି କରାଯାଇପାରିବ ନାହିଁ କିମ୍ବା ନଷ୍ଟ କରିହେବ ନାହିଁ । ଏହା କେବଳ ନିଜର ରୂପ ବଦଳାଇଥାଏ । ଉଦାହରଣ: ଯେତେବେଳେ ଆମେ ହାତ ଦୁଇଟିକୁ ଘଷନ୍ତି, ସେତେବେଳେ ହାତର ଯାନ୍ତ୍ରିକ ଶକ୍ତି ଦ୍ୱାରା ତାହା ତାପଜ ଶକ୍ତିରେ ରୂପାନ୍ତରିତ ହୋଇଯାଏ । ଶକ୍ତି ଏଠାରେ ନଷ୍ଟ ହୁଏନାହିଁ, କେବଳ ରୂପ ବଦଳାଏ । ଯାହାକୁ ସାଂଖ୍ୟ ଦର୍ଶନର 'ସତ୍କାର୍ଯ୍ୟବାଦ' ସିଦ୍ଧାନ୍ତରେ କୁହାଯାଇଛି: 'ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ' ଅର୍ଥାତ୍, ଯାହା ଶୂନ୍ୟ ବା ଅସତ୍ୟ, ସେଥିରୁ କିଛି ସୃଷ୍ଟି ହୋଇପାରିବ ନାହିଁ ଏବଂ ଯାହା ସତ୍ୟ ବା ଅଛି, ତାର କେବେ ସମ୍ପୂର୍ଣ୍ଣ ବିନାଶ ହୋଇପାରିବ ନାହିଁ । ଶକ୍ତିର ମହତ୍ତ୍ୱ ଓ ଗୁରୁତ୍ୱ ଉପରେ ବେଦାଦି ମନ୍ତ୍ରରେ ମଧ୍ୟ ଦେଖାଯାଏ । ଦ୍ୱେୀ ସୂକ୍ତମ୍ ରେ କୁହାଯାଇଛି ଯେ: *ଅହଂ ରୁଦ୍ରେଭିର୍ବସୁଭିଶ୍ଚ ରାମ୍ୟହମାଦିତ୍ୟୈରୁତ ବିଶ୍ୱଦେୈଃ ।*
*ଅହଂ ମିତ୍ରାବରୁଣୋଭା ବିଭର୍ମ୍ୟହମିନ୍ଦ୍ରାଗ୍ନୀ ଅହମଶ୍ୱିନୋଭା ?*
ଏଠାରେ ସ୍ୱୟଂ ବାକ୍ ଦେବୀ (ପରମାଶକ୍ତି) କହୁଛନ୍ତି—'ମୁଁ ହିଁ ରୁଦ୍ର, ବସୁ, ଆଦିତ୍ୟ ଏବଂ ସମସ୍ତ ବିଶ୍ୱଦେବଙ୍କ ସ୍ୱରୂପରେ ବିଚରଣ କରେ । ମୁଁ ହିଁ ମିତ୍ର, ବରୁଣ, ଇନ୍ଦ୍ର, ଅଗ୍ନି ଓ ଅଶ୍ୱିନୀକୁମାର ଦ୍ୱୟଙ୍କୁ ଧାରଣ କରିଛି ।' ଅର୍ଥାତ୍ ବ୍ରହ୍ମାଣ୍ଡର ସମସ୍ତ ଶକ୍ତିର ଆଧାର ମୁଁ ହିଁ ଅଟେ । ସେଭଳି ଶ୍ୱେତାଶ୍ୱତର ଉପନିଷଦର ବ୍ରହ୍ମ-ଶକ୍ତି ମନ୍ତ୍ରରେ ବର୍ଣ୍ଣିତ ଅଛି: 'ପରାସ୍ୟ ଶକ୍ତିର୍ବିବିଧୈବ ଶ୍ରୂୟତେ ସ୍ୱାଭାବିକୀ ଜ୍ଞାନବଳକ୍ରିୟା ଚ' । ଅର୍ଥାତ୍ ବେଦାନ୍ତ ଅନୁସାରେ, ସେହି ପରମାତ୍ମାଙ୍କର ଶକ୍ତି ପରମ (ସର୍ବଶ୍ରେଷ୍ଠ) ଏବଂ ଏହା ବିଭିନ୍ନ ରୂପରେ ପ୍ରକାଶିତ ହୁଏ । ତାଙ୍କର ଜ୍ଞାନ, ବଳ ଏବଂ କ୍ରିୟା ସ୍ୱାଭାବିକ ବା ସ୍ୱତଃସ୍ଫୂର୍ତ୍ତ ଅଟେ । ସେହିପରି ବୈଦିକ ଦେବୀ ସୂକ୍ତ ମନ୍ତ୍ରରେ ଉଲ୍ଲେଖ ରହିଛି:

*'ଅହଂ ରାଷ୍ଟ୍ରୀ ସଂଗମନୀ ବସୁନାଂ ଚିକିତୁଷୀ ପ୍ରଥମା ଯଜ୍ଞିୟାନାମ୍ ।*
*ତାଂ ମା ଦେବା ବ୍ୟଦଧୁଃ ପୁରୁତ୍ରା ଭୂରିସ୍ଥାତ୍ରାଂ ଭୂର୍ଯ୍ୟାବେଶୟନ୍ତୀମ୍ ?'*

ଅର୍ଥ: ମୁଁ ହିଁ ସମଗ୍ର ସଂସାରର ସ୍ୱାମିନୀ (ରାଷ୍ଟ୍ରୀ), ଧନ ପ୍ରଦାନକାରୀ ଏବଂ ବ୍ରହ୍ମକୁ ଜାଣିଥିବା ଜ୍ଞାନୀମାନଙ୍କ ମଧ୍ୟରେ ପ୍ରଥମା । ପରମ ଚୈତନ୍ୟା ରୂପରେ ବିଭିନ୍ନ ଦେବତାମାନେ ମୋତେ ବିଭିନ୍ନ ସ୍ଥାନରେ ପୂଜା କରନ୍ତି, କାରଣ ମୁଁ ପ୍ରତ୍ୟେକ ଜୀବ ମଧ୍ୟରେ ଅନ୍ତର୍ଯ୍ୟାମିନୀ ରୂପରେ ବାସ କରେ । ଏହି ତତ୍ତ୍ୱକୁ ପ୍ରତିଷ୍ଠିତ କରି ଆମର ପୂର୍ବ ସୁରିମାନେ ବିବିଧ ଉପାୟ ମାଧ୍ୟମରେ ଭାରତୀୟ ସଂସ୍କୃତିରେ ଏହାକୁ ସ୍ଥାପିତ କରିଛନ୍ତି । କାରଣ ବିନା ଶକ୍ତିରେ କୌଣସି କାର୍ଯ୍ୟର ଉତ୍ପତ୍ତି ଅସମ୍ଭବ । ଆମେ ଜାଣିଛେ ଗ୍ରହ ଓ ନକ୍ଷତ୍ରମାନଙ୍କର ପ୍ରଭାବ ଜୀବଜଗତ ଉପରେ ପଡ଼ିଥାଏ ଏବଂ ସୂର୍ଯ୍ୟଙ୍କ ଚଳନ ଯୋଗୁଁ ଋତୁ ପରିବର୍ତ୍ତନ ହୁଏ । ସାଧାରଣତଃ ଛଅ ଋତୁ ମଧ୍ୟରୁ ଚାରୋଟି ଋତୁ ଶକ୍ତି ଉପାସନା ନିମନ୍ତେ ପ୍ରସସ୍ତ; ଯଥା: ଗ୍ରୀଷ୍ମ, ବର୍ଷା , ଶରତ ଓ ବସନ୍ତ । କାରଣ ଏହାର ପଛରେ ଗଭୀର ଦାର୍ଶନିକ ଓ ବୈଜ୍ଞାନିକ କାରଣ ଲୁଚି ରହିଛି । ଏହି ଋତୁମାନଙ୍କୁ ଜଳବାୟୁ ପରିବର୍ତ୍ତନର ସନ୍ଧିକ୍ଷଣ ବୋଲି ଧରାଯାଏ, ଏହା ସିଧାସଳଖ ମାନବ ଶରୀର ଓ ପ୍ରକୃତି ଉପରେ ପ୍ରଭାବ ପକାଇଥାଏ । ବିଜ୍ଞାନ ଅନୁସାରେ,ଏହି କାଳରେ ପାଣିପାଗରେ ବଡ଼ ଧରଣର ପରିବର୍ତ୍ତନ ହୋଇଥାଏ ? । ଯାହାଫଳରେ ବାୟୁମଣ୍ଡଳରେ ଜୀବାଣୁ ଓ ଭୂତାଣୁ ଆଦି ସକ୍ରିୟ ହୋଇ ଉଠନ୍ତି, ଏଥିଯୋଗୁଁ ମାନବ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ହ୍ରାସ ଘଟେ । ଏସବୁର ନିରାକରଣ ପାଇଁ ବ୍ରତ, ଉପବାସ ଏବଂ ସାତ୍ତ୍ୱିକ ଆହାର ଗ୍ରହଣ କରିବା ନିୟମ କରାଯାଇଛି । ତେଣୁ ଏ ସମୟରେ ହାଲୁକା ବା ସୀମିତ ଖାଦ୍ୟ ଖାଇଲେ ପାଚନ ତନ୍ତ୍ର ସୁସ୍ଥ ରହେ ଏବଂ ଶରୀରରୁ ଦୂଷିତ ପଦାର୍ଥ ବାହାରିଯାଏ । ଆଧ୍ୟାତ୍ମିକ ଓ ଦାର୍ଶନିକ ଶାସ୍ତ୍ର ଅନୁଯାୟୀ ଶିବଙ୍କୁ ପୁରୁଷ ଏବଂ ଶକ୍ତିଙ୍କୁ ପ୍ରକୃତି ବୋଲି କୁହାଯାଇଛି । ଯେତେବେଳେ ପ୍ରକୃତି ନିଜର ରୂପ ବଦଳାଏ ବା ଋତୁ ପରିବର୍ତ୍ତନ ହୁଏ, ସେତେବେଳେ ଜଗତର ମଙ୍ଗଳ ପାଇଁ ଆଦ୍ୟାଶକ୍ତିଙ୍କୁ ଆରାଧନା କରାଯାଏ । ଯେପରି ଆଶ୍ୱିନରେ ଶାରଦୀୟ, ଚୈତ୍ରରେ ବାସନ୍ତିକ, ଆଷାଢ଼ ଓ ମାଘ ମାସରେ ଗୁପ୍ତ ନବରାତ୍ର ଭାବରେ । ଏହାକୁ ପାଳନ କରିବା ଦ୍ୱାରା ଆମର ଆତ୍ମବିଶ୍ୱାସର ବୃଦ୍ଧି ଘଟିଥାଏ ଏବଂ ମାନସିକ ସ୍ତରରେ ଆମ ଭିତରେ ଥିବା କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ଭଳି ଆସୁରିକ ପ୍ରବୃତ୍ତି ଗୁଡ଼ିକର ନାଶ ହୋଇଥାଏ । ଏଥି ସହିତ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହୁଏ, ଯାହା ଶକ୍ତି ଉପାସନା ବା ପୂଜାର ମୁଖ୍ୟ ଉଦ୍ଦେଶ୍ୟ । ଭାରତୀୟ ସଂସ୍କୃତିରେ ଶକ୍ତି ଉପାସନା କେବଳ ଧାର୍ମିକ କର୍ମକାଣ୍ଡ ନୁହେଁ, ବରଂ ଏହା ଏକ ଆଧ୍ୟାତ୍ମିକତା ଆଭରଣରେ ଆବୃତର ସମ୍ପୂର୍ଣ୍ଣ ବିଜ୍ଞାନ । ଅନେକ ସମୟରେ ଧାର୍ମିକ ରୀତିନୀତିକୁ କେବଳ ଅନ୍ଧବିଶ୍ୱାସ ବୋଲି ଭାବି ନିଆଯାଏ, କିନ୍ତୁ ଶକ୍ତି ଉପାସନା ପଛରେ ଗଭୀର ବିଜ୍ଞାନର ବିଶେଷ କାରଣ ଓ ମନୋବୈଜ୍ଞାନିକ ରହସ୍ୟ ଲୁଚି ରହିଛି । ଯାହାକୁ ଆମର ପୂର୍ବପୁରୁଷମାନେ ଅନୁଭବ କରି, ବିଜ୍ଞାନର ଜଟିଳ ତତ୍ତ୍ୱକୁ ସାଧାରଣ ଲୋକଙ୍କ ସହଜ ବୋଧଗମ୍ୟ କରିବା ପାଇଁ ଏହାକୁ ପୂଜା ଓ ପରମ୍ପରା ରୂପରେ ରୂପ ଦେଇ ଯାଇଛନ୍ତି । ଆଜିର ଆଧୁନିକ ସମାଜରେ ଯଦି ଆମେ ଏହାର ବୈଜ୍ଞାନିକ ମହତ୍ତ୍ୱକୁ ବୁଝି ଶକ୍ତି ଉପାସନା କରିବା, ତେବେ ଆମେ ଶାରୀରିକ, ମାନସିକ ଏବଂ ପରିବେଶଗତ ସ୍ତରରେ ଉପକୃତ ହୋଇପାରିବା ।

*ବରିଷ୍ଠ ଦର୍ଶନ ଅଧ୍ୟାପକ ସଂସ୍କୃତ ମହାବିଦ୍ୟାଳୟ, କବିସୂର୍ଯ୍ୟ ନଗର, ଗଞ୍ଜାମ, ମୋ : ୯୮୬୧୩୩୪୮୬୮*

# ମା' କୈବଲ୍ୟ ଲୋଲୁପିନୀ



ସନାତନ ଧର୍ମ ଏବଂ ତନ୍ତ୍ର ଶାସ୍ତ୍ର ଅନୁଯାୟୀ, ଶ୍ରୀକ୍ଷେତ୍ର କେବଳ ପୁରୁଷୋତ୍ତମ କ୍ଷେତ୍ର ନୁହେଁ, ବରଂ ଏହା ଏକ ପବିତ୍ର ଶକ୍ତିପୀଠ ଏବଂ ଶକ୍ତି ସାଧନାର ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ । ଏହି ପୀଠର ପୀଠାଧୀଶ୍ୱରୀ ଅଟନ୍ତି ସ୍ୱୟଂ ମା' ବିମଳା । ଯିଏ ଜୀବର ସମସ୍ତ ମଳ ବା କଳୁଷକୁ ନାଶ କରନ୍ତି; ଏଣୁ ସେ ବିମଳା ନାମରେ ନାମିତ ହୋଇ ଏ କ୍ଷେତ୍ରରେ ପୂଜିତା ହେଉଛନ୍ତି । ଯାହାଙ୍କୁ 'କୈବଲ୍ୟ ଲୋଲୁପିନୀ' ବା ମହାପ୍ରସାଦ ପ୍ରିୟା ବୋଲି ମଧ୍ୟ କୁହାଯାଏ । ଏ ଉପରେ ଏକ ତାତ୍ତ୍ୱିକ କିମ୍ବଦନ୍ତୀ କଥା ଦେଖିବାକୁ ମିଳେ । ଦିନେ ଦେବର୍ଷି ନାରଦ ଗୋଲକ ନାଥଙ୍କ ମୁଖାରବିନ୍ଦ କୈବଲ୍ୟ ପ୍ରସାଦ ପାଇ ମହାଆନନ୍ଦରେ ନାଚି ନାଚି କୈଳାସ ପୁରକୁ ଆସିଥିଲେ । ନାରଦଙ୍କୁ ଦେଖି ମହାଦେବ ସତ୍କାର କରିବା ସହ ଆନନ୍ଦର କାରଣ ଜାଣିବା ପାଇଁ ଚାହିଁଥିଲେ । ଏଥିରେ ଖୁସି ହୋଇ ନାରଦ ମୁଖାରବିନ୍ଦ କୈବଲ୍ୟ ପ୍ରାପ୍ତିର ବୃତାନ୍ତ ଜଣାଇଥିଲେ ଶିବଙ୍କୁ । ଏହା ଶୁଣି ଶିବ କହିଲେ ହେ ଦେବର୍ଷି ! ମୋ' ପାଇଁ କିଛି ଆଣିଛ କି ? ହରଙ୍କର ବାଣୀ ଶୁଣି ନାରଦ ଉତର ଦେଲେ ହେ ଭକ୍ତ ଶ୍ରେଷ୍ଠ ! ପ୍ରଭୁ ପାଖରୁ ଯାହା ପ୍ରାପ୍ତି ହୋଇଥିଲା ତାହା ସବୁ ଭକ୍ଷଣ କରି ଦେଇଛି । କିନ୍ତୁ କଣିକାଟିଏ ମୋର ଦକ୍ଷିଣ ହସ୍ତର ନଖ କୋଣରେ ରହିଯାଇଛି । ଏହା ଦେଖି ସଦାଶିବ ଶ୍ରୀପ୍ରସାଦକୁ ସେବନ କରିଥିଲେ ଏବଂ ଉଭୟେ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଥିଲେ । ଏ ସମସ୍ତ ବିଷୟକୁ ଜାଣିବା ପରେ ମା' ଭବାନୀ ଶଙ୍କରଙ୍କୁ ବିଷ୍ଣୁଙ୍କ ମୁଖାରବିନ୍ଦ କୈବଲ୍ୟ ପାଇବା ନିମନ୍ତେ ପ୍ରାର୍ଥନା କଲେ । ତେଣୁ ଆଶୁତୋଷ ବିଷ୍ଣୁଙ୍କ ପାଖକୁ ଯାଇ ସମସ୍ତ କଥା କହିବାକୁ ଲାଗିଲେ । ଏଥିରେ ସନ୍ତୋଷ ହୋଇ ନାରାୟଣ କହିବାକୁ ଗଲେ ହେ ଦେବୀ ! ତୁମର କାମନା ନିଶ୍ଚିତ ଭାବରେ ପୂର୍ଣ୍ଣ ହେବ । କିନ୍ତୁ ଏବେ ନୁହଁ, କଳିଯୁଗରେ ତୁମେ ଶ୍ରୀମନ୍ଦିରେ ବିମଳା ରୂପେ ପୂଜିତା ହୋଇ ମୋର ( ଜଗନ୍ନାଥ) ନିତ୍ୟ ମହାପ୍ରସାଦ ପ୍ରାପ୍ତ କରିବ । ଏହି ବିଷୟକୁ ସୂଚାଇବାକୁ ଯାଇ ବାମଦେବ ସଂହିତାରେ ଉଲ୍ଲେଖ ରହିଛି:

*ଶ୍ରୀପ୍ରସାଦଂ ପ୍ରତିଦିନଂ ଭକ୍ଷୀତ୍ୱା ତତ୍ର କେବଳମ୍ ।*
*ସତ୍ୟଂଶେନ ତ୍ୱୟା ଜାତଂ ପାର୍ବତୀ ନାମ-ନାମତଃ ।।*

ଅର୍ଥାତ୍:- ହେ ଦେବୀ ! ସତୀଙ୍କ ପବିତ୍ର ଅଂଶରୁ ଜନ୍ମ ଗ୍ରହଣ କରିଥିବାରୁ, ତୁମେ ଜଗତରେ 'ପାର୍ବତୀ' ନାମରେ ପ୍ରସିଦ୍ଧି ଲାଭ କରିଛ । ଏହି ପବିତ୍ର ପୀଠରେ ପୂର୍ବ ସଂକଳ୍ପ ଯୋଗୁଁ ତୁମେ ପ୍ରତିଦିନ କେବଳ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଭକ୍ଷଣ ବା ସେବନ କରୁଛ । ତେଣୁ ଏଠାରେ ମହାଦେବୀ ବିମଳା ସଦାସର୍ବଦା ନିର୍ମାଲ୍ୟ ପାଇବା ପାଇଁ ଧ୍ୟାନରତ ଥାନ୍ତି । ଏହି ଧ୍ୟାନରତା ଦେବୀ ବିମଳାଙ୍କ ନିକଟରେ ପ୍ରତ୍ୟୟଃ ସକାଳ, ମଧ୍ୟାହ୍ନ ଏବଂ ସାୟଂ କାଳରେ ପୂଜା ଅର୍ଚ୍ଚନା ହୋଇଥାଏ । ବର୍ଷର ସମସ୍ତ ସମୟରେ ଦେବୀଙ୍କୁ ପରମବୈଷ୍ଣବୀ ଭାବେ ପୂଜା କରାଯାଉଥିବା ବେଳେ ଶରତକାଳିନ ଦୁର୍ଗାପୂଜା କାଳରେ ମା'ଙ୍କୁ କୌଳାଚାର ତନ୍ତ୍ର ଅନୁଯାୟୀ କାଳଭୈରବୀ ରୂପେ ପୂଜା କରାଯାଏ । ଦେବୀଙ୍କ ସମସ୍ତ ଉତ୍ସବ ମଧ୍ୟରେ ଶାରଦୀୟ ଷୋଡଶ ଦିନାତ୍ମକ ରହସ୍ୟ ଦୁର୍ଗା ପୂଜା ଏବଂ ଶାକ୍ତ ଗୁଣ୍ଡିଚା ପ୍ରସିଦ୍ଧ ଅଟେ । ଏହା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଆରମ୍ଭ ହୋଇ ଶୁକ୍ଳପକ୍ଷ ଦଶମୀ ତିଥି ପର୍ଯ୍ୟନ୍ତ ପାଳିତ ହୋଇଥାଏ । ଏହି ତିଥିରେ ସପ୍ତମୀ, ଅଷ୍ଟମୀ ଓ ନବମୀର ଅର୍ଦ୍ଧରାତ୍ରୀ ସମୟରେ ମହାନିଶୀ ପୂଜା ଅନୁଷ୍ଠିତ ହୁଏ । ଯେଉଁଥିରେ ଦେବୀଙ୍କ ପାର୍ଶ୍ୱରେ ଥିବା ନାଗକନ୍ୟା ଓ ଦେବକନ୍ୟା ତଥା ଚଉଷଠି ଯୋଗିନୀଙ୍କୁ ଛାଗବଳି ଦିଆଯାଏ । ଏ ନୀତିକୁ ଅର୍ଦ୍ଧରାତ୍ରରେ ପହୁଡ଼ ପଡ଼ିବା ପରେ କିଛି ନିର୍ବାଚିତ କୌଳିକ ବ୍ରାହ୍ମଣମାନେ ସମ୍ପାଦନା କରିଥାନ୍ତି । ଉକ୍ତ ଷୋଳପୂଜାର ପ୍ରଥମ ଓ ଶେଷ ଚାରିଦିନ ବ୍ୟତୀତ ପ୍ରତ୍ୟେକ ଦିନ ବିମଳାଙ୍କୁ ଭିନ୍ନ ଭିନ୍ନ ବେଶ କରାଯାଏ । ଏହି ଷୋହଳଦିନ ପର୍ଯ୍ୟନ୍ତ ମହିଳାମାନେ ବିମଳାଦେବୀଙ୍କ ମନ୍ଦିରରେ ପ୍ରବେଶ କରନ୍ତି ନାହିଁ ।

# ଉତ୍କଳୀୟ ରୀତିନୀତିରେ ସାର୍ବଜନୀନ ଦୁର୍ଗାପୂଜା



ନେତାଜୀ ତାପସ କୁମାର ସାହୁ

ଶରତ ଋତୁର ଆଗମନରେ ସମ୍ପୂର୍ଣ୍ଣ ଧରାପୃଷ୍ଠ ଶାରଦୀୟ ଦୁର୍ଗାପୂଜା ପାଇଁ ବେଶ୍ ଚଳ ଚଂଚଳ ହୋଇଉଠେ । ଜଗତ ଜନନୀ ମାଆ ଦୁର୍ଗାଙ୍କୁ ଏହି ସମୟରେ ବିଭିନ୍ନ ଶକ୍ତିପୀଠରେ ନବ ଦିନାତ୍ମକ 'ନବରାତ୍ରୀ' ପୂଜାର୍ଚ୍ଚନା କରାଯାଉଥିବା ବେଳେ ଉତ୍କଳୀୟ ରୀତିନୀତିରେ ଷୋଡ଼ଶ ଦିନାତ୍ମକ ପୂଜାର୍ଚ୍ଚନା କରାଯାଇଥାଏ । ଇତିହାସକୁ ଦେଖିଲେ ଚେଦି ବଂଶର ରାଜା ସୁରଥ ସର୍ବ ପ୍ରଥମେ ଉତ୍କଳ ଭୂଖଣ୍ଡରେ ଦୁର୍ଗାପୂଜା ଆରମ୍ଭ କରିଥିଲେ, ଯାହାଙ୍କ ପରବର୍ତ୍ତୀ ବଂଶଜ ହେଉଛନ୍ତି ବିଶ୍ୱ ବିଦିତ ଚକ୍ରବର୍ତ୍ତୀ ସମ୍ରାଟ ମହାମେଘ ବାହନ ଐର ଖାରବେଳ । ସମ୍ରାଟ ଖାରବେଳଙ୍କ ଆୟ କୀର୍ତ୍ତିକୁ ଧାରଣ କରିଥିବା ଖଣ୍ଡଗିରିର ଅଷ୍ଟମ ଗୁମ୍ଫା ବାରଭୁଜା ଗୁମ୍ଫା ନାମରେ ଖ୍ୟାତ, ଯାହାକି ଦେବୀ ଦୁର୍ଗାଙ୍କ ଦ୍ୱାଦଶ ଭୁଜା ସ୍ୱରୂପ ସହ ଜଡ଼ିତ । ଏଠାରେ ଦ୍ୱାଦଶ ଭୁଜା ଦୁର୍ଗାଙ୍କ ମୂର୍ତ୍ତି ଦେଖିବାକୁ ମିଳେ । ଜୈନ ପରମ୍ପରାରେ ବାରଭୁଜା ଦେବୀଙ୍କୁ ଶାସନ ଦେବୀରୂପେ ଉଲ୍ଲେଖ କରାଯାଇଛି । ସେହିପରି ଦଶମ ଗୁମ୍ଫାଟି ଅମ୍ବିକା ଗୁମ୍ଫା ନାମରେ ପରିଚିତ । ଏଠାରେ ଜୈନ ଧର୍ମର ୨୨ତମ ତୀର୍ଥଙ୍କର ନେମିନାଥଙ୍କ ଶାସନ ଦେବୀ ଅମ୍ବିକା ଦେବୀଙ୍କ ମୂର୍ତ୍ତି ଦେଖିବାକୁ ମିଳେ । ଏକାଦଶ ଶତାବ୍ଦୀର ଗଙ୍ଗ ବଂଶୀୟ ସମ୍ରାଟ ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ସର୍ବ ପ୍ରଥମେ ମାଆ କାକୁଡ଼ିଖାଇ ଠାକୁରାଣୀଙ୍କ ପୂଜାର୍ଚ୍ଚନା ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିଲା । ମାଆ କାକୁଡ଼ିଖାଇ ହେଉଛନ୍ତି ଶ୍ରୀକ୍ଷେତ୍ର ଅଧିଷ୍ଠାତ୍ରୀ ଦେବୀ ମାଆ ବିମଳାଙ୍କ ପ୍ରତିନିଧି । ଦ୍ୱାଦଶ ଶତାବ୍ଦୀ ସମୟରୁ ପୁରୀରେ ଗୋସାଣୀ ଯାତ୍ରା ଆରମ୍ଭ ହୋଇଥିବାର ପ୍ରମାଣ ମଧ୍ୟ ମିଳେ । ମୂଳାଷ୍ଟମୀ ଦିନ ଦେବୀ ପୀଠରେ ସହସ୍ର କୁମ୍ଭ ଅଭିଷେକ କରାଯାଇ ଘଟ ସ୍ଥାପନ ପୂର୍ବକ ଷୋଡ଼ଷ ଉପଚାରରେ ମାଆଙ୍କ ପୂଜା ଆରମ୍ଭ ହୋଇଥାଏ । ଏହି ଷୋଳହଦିନରେ ବିଭିନ୍ନ ଶକ୍ତିପୀଠରେ ମାଆ ସୁନାବେଶ,ଭୁବନେଶ୍ୱରୀ ବେଶ, ମାତଙ୍ଗୀ ବେଶ,ଷୋଡ଼ଶୀ ବେଶ,ନାରାୟଣୀ ବେଶ, ରାଜରାଜେଶ୍ୱରୀ ବେଶ,ଜୟଦୁର୍ଗା ବେଶ,ତାରା ବେଶ,ଉଗ୍ରତାରା ବେଶ,ହରଚଣ୍ଡୀ ବେଶ,ବନଦୁର୍ଗା ବେଶ,ତ୍ରିପୁରା ଭୈରବୀ ବେଶ,ଗାୟତ୍ରୀ ବେଶ,ବଗଳାମୁଖୀ ବେଶ,ଗଜଲକ୍ଷ୍ମୀ ବେଶ, ଅନ୍ନପୂର୍ଣ୍ଣା ବେଶ,କାଳୀ ବେଶ,ସରସ୍ୱତୀ ବେଶ,ମହାକାଳୀ ବେଶ,ମହାଲକ୍ଷ୍ମୀ ବେଶ,ମହାସରସ୍ୱତୀ ବେଶ ଏବଂ ମହିଷାମର୍ଦ୍ଦିନୀ ବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ଉତ୍କଳୀୟ ପରମ୍ପରାରେ ଦୁର୍ଗାମାଧବ ଉପାସନାର ବିଶେଷ ମହତ୍ତ୍ୱ ରହିଛି ।

*'ଯେ ଦୁର୍ଗାମାଧବଂ ନିତ୍ୟଂ ସ୍ମରନ୍ତି ଶ୍ରଦ୍ଧୟାନ୍ୱିତେ*
*ସର୍ବବିଘ୍ନ ଭୟରେଷାଂ ବିନଶ୍ୟନ୍ତି ପଦେ ପଦେ'*

ଏହି ଷୋଳ ପୂଜା ସମୟରେ ଶ୍ରୀମନ୍ଦିରରେ ଶାକ୍ତ ଗୁଣ୍ଡିଚା ଅନୁଷ୍ଠିତ ହୋଇଥାଏ ଏବଂ ବିଶେଷ ଭାବରେ ଦୁର୍ଗାମାଧବଙ୍କ ଉପାସନା କରାଯାଇଥାଏ ଓ ମୂଳାଷ୍ଟମୀ ଦିନ ଠାରୁ ପ୍ରଥମ ଆଠଦିନ ଦୁର୍ଗାମାଧବ ରୁନ୍ଧା ହୋଇ ମାଆ ବିମଳାଙ୍କ ମନ୍ଦିରକୁ ଏବଂ ପରବର୍ତ୍ତୀ ଆଠଦିନ ଦୋଳମଣ୍ଡପ ସାହି ସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରନ୍ତି । ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ଗୋସାଣୀ ଯାତ୍ରା ସମଗ୍ର ବିଶ୍ୱରେ ଅଦ୍ୱିତୀୟ । ଆମେ ଦୁର୍ଗାଙ୍କ ମେଢ଼ରେ ମୁଖ୍ୟତଃ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ ଏବଂ କାର୍ତ୍ତିକଙ୍କୁ ଦେଖିବାକୁ ପାଉ ଓ ମାତ୍ର ଗୋସାଣୀ ହେଉଛନ୍ତି ମାଆ କାଳୀ, ମାଆ ଲକ୍ଷ୍ମୀ ଓ ମାଆ ସରସ୍ୱତୀଙ୍କ ସମ୍ମିଶ୍ରଣ ସ୍ୱରୂପ । ଏହି ଗୋସାଣୀ ଶବ୍ଦଟି 'ଗୋସାମଣି' ଶବ୍ଦରୁ ଆସିଛି ।

*'ବିମଳା ବୋଲିଣ ଜାଣ ସେହି ଠାକୁରାଣୀ*
*ପ୍ରତ୍ୟକ୍ଷେ ସେ ଲକ୍ଷ୍ମୀ ଅଂଶ ଅଟେ ଗୋସାମଣି*

ତେଣୁ ମେଢ଼ରେ ଗଙ୍ଗା,ଯମୁନାଙ୍କ ସହ ଗଣେଶ ଓ କାର୍ତ୍ତିକ ପୂଜା ପାଇଥାନ୍ତି । ଗୋସାଣୀ ମୂର୍ତ୍ତି ନିର୍ମାଣ ଶୈଳୀ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ବିଶାଳ ମସ୍ତକ,କପାଳ ଆଖି,ନାକ,ଓଠ,ଗଣ୍ଡ ଦେଶ,ପେଷି ଯୁକ୍ତା ବିଶାଳ ଭୁଜ,ପଦଯୁଗଳ,ବୀରାଙ୍ଗନା ସଦୃଶ କ୍ରୋଧ ଜର୍ଜରିତ ରୂପରେ ମହିଷାସୁରକୁ ବଦ୍ଧ କରୁଥିବାର ଉତ୍କଳୀୟ ଶୈଳୀରେ ନିର୍ମିତ ଏହି ପ୍ରତିମାମାନେ ଓଡ଼ିଆଣୀଙ୍କ ବେଶରେ ଆକର୍ଷଣୀୟ ରୂପେ ସଜ୍ଜିତ ହୋଇଥାନ୍ତି ଓ ବିଶେଷତଃ ମୁଣ୍ଡରେ ସୋଲ ଓ ଜରି ତଥା ରୂପାରେ ନିର୍ମିତ ଭବ୍ୟ ଅଳଙ୍କାର,ନାକରେ ନାକଚଣା, ନୋଥ, ଦଣ୍ଡି,କାନରେ ପେଣ୍ଡିଫୁଲ, ଫାସିଆ, ମଲ୍ଲୀକଢ଼ି,ଗଣ୍ଡ ଦେଶରେ ମାଳି, ଚାପସରି,ବାହୁରେ ବାଜୁ, ଗଡ଼, ହାତରେ ଖଡୁ, ଚୁଡ଼ି, କିଳିଆନି, ଅଂଟାରେ ଅଂଟା ମାଳି, ଅଂଟାସୂତା,ଗୋଡ଼ରେ ଗୋଡ଼ ଖଡୁ,ପାଉଁଜି ଓ ପାହୁଡ଼ ଇତ୍ୟାଦି ଆଭୂଷଣ ବିମଣ୍ଡିତା । ସମସ୍ତ ଗୋସାଣୀ ପୁରୀର ବିଭିନ୍ନ ପୁରୁଣା ସାହିରେ ପୂଜିତ ହେବା ସହ ସ୍ଥାନୀୟ ଲୋକଙ୍କ ଦ୍ୱାରା ତାଙ୍କର ନାମକରଣ ଯଥା ଜହ୍ନିଖାଇ, କାକୁଡ଼ିଖାଇ, ବାରବାଟୀ, ଗେଲାବାଇ,ଶୂନ୍ୟ ଗୋସାଣୀ, ବେଲବାଇ ଇତ୍ୟାଦି ହୋଇଥିବା ଜଣାପଡ଼େ । ସମସ୍ତ ଗୋସାଣୀଙ୍କ ନିକଟକୁ ଶ୍ରୀମନ୍ଦିରରୁ ମହାପ୍ରସାଦ ପଠାଯାଇଥାଏ । ଆଶ୍ୱିନ ଶୁକ୍ଳ ଏକାଦଶୀ ଦିନ ସମସ୍ତ ଗୋସାଣୀ ଶ୍ରୀମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇ ଦେବୀ ସଭା ଆୟୋଜନ ପୂର୍ବକ ବିଦାୟ ନେଇଥାନ୍ତି । ମାଆ ବିରଜାଙ୍କ ପୀଠରେ ଶାରଦୀୟ ଦୁର୍ଗାପୂଜା ସମୟରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ଓ ମାଆ ସିଂହଧ୍ୱଜ ରଥରେ ବିରାଜିତା ହୁଅନ୍ତି ଓ ଐତିହାସିକ ସହର କଟକର ସର୍ବ ପୁରାତନ ଦୁର୍ଗାପୂଜା ବାଲୁବଜାରଠାରେ ଆଜିକୁ ୫୦୦ବର୍ଷରୁ ଅଧିକ ସମୟ ହେବ ଅନୁଷ୍ଠିତ ହୋଇ ଆସୁଅଛି, ଯେଉଁଠାରେ ମାଆ ଦୁର୍ଗା ସମାନ ଶୈଳୀ ଓ ପ୍ରାକୃତିକ ରଙ୍ଗରେ ନିର୍ମିତ ହୋଇ ପୂଜିତା ହୋଇଥାନ୍ତି । ୧୫୦୮ ମସିହାରେ ଏଠାରେ ଘଟପୂଜା ଏବଂ ପରେ ୧୫୧୪ ମସିହାରେ ମୃଣ୍ମୟୀ ପ୍ରତିମାଙ୍କ ପୂଜା ଆରମ୍ଭ ହୋଇଥିଲା । ଦଶହରା ଦିନ ପ୍ରତିଟି ଓଡ଼ିଆଙ୍କ ଘରେ ଥିବା ଯୁଦ୍ଧାସ୍ତ୍ର ପୂଜା ହୋଇଥାଏ, କାରଣ ପ୍ରତିଟି ଓଡ଼ିଆ ଜଣେ ଜଣେ ଯୋଦ୍ଧା । ଏହାର ଅନେକ ପ୍ରମାଣ ସମ୍ରାଟ ଖାରବେଳଙ୍କ ଠାରୁ ଆରମ୍ଭ କରି ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଯୁଦ୍ଧ ଅଭିଯାନରେ ଦେଖିବାକୁ ମିଳେ । ସେହିପରି ଖଣ୍ଡାୟତମାନେ ବ୍ୟବହାର କରୁଥିବା ଖଣ୍ଡା, ପରଶୁ, ବର୍ଛା, ଧନୁ, ତୀର, ଢ଼ାଲ,ଛୁରୀ ଇତ୍ୟାଦି ଅଷ୍ଟଧାତୁ ନିର୍ମିତ ଦେବୀ ଦୁର୍ଗାଙ୍କ ନିକଟରେ ହେଉ କିମ୍ବା କଳସ ସ୍ଥାପନ ପୂର୍ବକ ପୂଜା କରିଥାନ୍ତି । ବିଭିନ୍ନ ସ୍ଥାନରେ ପାରମ୍ପରିକ ସମରକଳା ଅସ୍ତ୍ର ଚାଳନା,ବାଡ଼ିଖେଳ,ଚକ୍ର ବନାଟି, ମୁଦଗର ବୁଲା ଇତ୍ୟାଦି ପ୍ରଦର୍ଶିତ ହେବା ସହ ବାଜା, ତୁରୀ, ଦୁନ୍ଦୁଭି ଇତ୍ୟାଦି ବାଜେ । ଏଥିସହିତ ସମରକଳା ସହ ଜଡ଼ିତ ନୃତ୍ୟ ରଣପା, ଛଉ, ପାଇକ ନୃତ୍ୟ ପରିବେଷଣ ମଧ୍ୟ କରାଯାଏ । ଆଖଡ଼ା ଘରେ ମୁଦଗର, ବାଡ଼ି ଓ ଗଦା ପରି ଅସ୍ତ୍ର ଗୁଡ଼ିକ ପୂଜା ହୋଇଥାଏ । ପାଇକ ଆଖଡ଼ା ପ୍ରଦର୍ଶନ ସମୟରେ ପ୍ରଭୁ ହନୁମାନଙ୍କ ମୂର୍ତ୍ତି କିମ୍ବା ଚିତ୍ର ସ୍ଥାପନ କରାଯାଇଥାଏ । ବିଭିନ୍ନ ରାଜାମାନଙ୍କ ଦ୍ୱାରା ଲାଖବିନ୍ଧା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ । ଶେଷରେ ଉତ୍କଳୀୟ ପରମ୍ପରା ଅନୁସାରେ ଦଶହରା ଦିନ ମାଆ ଦୁର୍ଗାଙ୍କୁ ବନ୍ଦାପନା କରି ବିଦାୟ ଦେବା ପରେ ମୃଦଙ୍ଗ,ଝାଞ୍ଜ,ଘଂଟ,ଘଂଟା,ଗିନି ବଜାଇ ମାଆଙ୍କ ଜୟ ଉଦଘୋଷ ସହ ଲୋକମାନେ ଦୁର୍ଗାଙ୍କ ପ୍ରତିମାକୁ ଅନେକ ସ୍ଥାନରେ କାନ୍ଧରେ କାନ୍ଧେଇ ନିକଟବର୍ତ୍ତୀ ଜଳାଶୟରେ ବିସର୍ଜନ କରିଥାନ୍ତି । ଦଶହରାରେ ପ୍ରତିଟି ଘରେ ପିଠାପଣାର ଆସର ଜମିବା ସହ ଘରର କନିଷ୍ଠ ସଦସ୍ୟ ମାନେ ଗୁରୁଜନଙ୍କ ଆଶୀର୍ବାଦ କାମନା କରିଥାନ୍ତି । ପ୍ରତି ବଦଳରେ ଗୁରୁଜନମାନେ ମିଠା,ପିଠା ଏବଂ ପୂଜା ଖର୍ଚ୍ଚ ଦେଇଥାନ୍ତି ଓ ବ୍ରାହ୍ମଣମାନେ ତୁଳସୀ, ବଢ଼େଇମାନେ କାଠ ସାମଗ୍ରୀ, କମାରମାନେ ଲୁହା ସରଞ୍ଜାମ, ମାଳୀମାନେ ଫୁଲ,ବାରିକମାନେ ଦର୍ପଣ ନେଇ ପ୍ରତିଟି ଘରକୁ ଯାଇ ପୂଜା ଭେଟି ଗ୍ରହଣ କରିଥାନ୍ତି । ତେଣୁ ଉତ୍କଳୀୟ ପରମ୍ପରାରେ ଶାରଦୀୟ ଦୁର୍ଗାପୂଜାକୁ ସାର୍ବଜନୀନ ଦୁର୍ଗାପୂଜା ରୂପେ ପାଳନ କରାଯାଏ, ଯେଉଁଠାରେ ଶାକ୍ତ ପରମ୍ପରା ସହ ଓଡିଆ ଜାତିର ଇତିହାସ, କଳା, ସଂସ୍କୃତି ଏବଂ ସାମାଜିକ ଜୀବନ ଓତଃପ୍ରୋତ ଭାବେ ଜଡ଼ିତ ।

*ବାଲେଶ୍ୱର,ଯୋଗାଯୋଗ - ୮୨୬୦୩୫୬୧୧୩*

# ମାତୃଶକ୍ତି ଦେବୀଦୁର୍ଗା



◆ ଉମାଶଙ୍କର ପ୍ରସାଦ

ଅନନ୍ତକୋଟି ବ୍ରହ୍ମାଣ୍ଡାତ୍ମକ ପ୍ରପ□ର ଅଧିଷ୍ଠାନଭୂତା ସଚ୍ଚିଦାନନ୍ଦ ରୂପା ଭଗବତୀ ଶ୍ରୀ ଦୁର୍ଗା ହିଁ ସମ୍ପୂର୍ଣ୍ଣ ବିଶ୍ୱକୁ ସତା, ସ୍ଫୂର୍ତ୍ତି ତଥା ସରସତା ପ୍ରଦାନ କରନ୍ତି । ବିଶ୍ୱ ପ୍ରପ□ ତାଙ୍କଠାରୁ ଉତ୍ପନ୍ନ ହୋଇଥାଏ ଏବଂ ଶେଷରେ ତାଙ୍କଠାରେ ବିଲୀନ ହୋଇଥାଏ । ଯେପରି ଦର୍ପଣରେ ଆକାଶ ମଣ୍ଡଳ, ଭୂଧର, ସାଗରାଦି ପ୍ରପ□ ପ୍ରତୀତ ହୁଏ, କିନ୍ତୁ ଦର୍ପଣକୁ ସ୍ପର୍ଶକରି ଦେଖାଗଲେ ବାସ୍ତବରେ କିଛି ଉପଲବ୍ଧ ହୁଏ ନାହିଁ । ସେହିପରି ମାତୃଶକ୍ତି ଭଗବତୀଙ୍କଠାରେ ସମ୍ପୂର୍ଣ୍ଣ ବିଶ୍ୱଭାସିତ ହୋଇଥାଏ । ଯେପରି ଦର୍ପଣବିନା ପ୍ରତିବିମ୍ବ ସମ୍ଭବ ହୁଏ ନାହିଁ । ସେହିପରି ଅଖଣ୍ଡ ନିତ୍ୟ ନିର୍ବିକାର ମହାଶକ୍ତିଙ୍କ ଠାରେ ତାଙ୍କର ଅସ୍ତିତ୍ୱରେ ହିଁ ପ୍ରମାଣ, ପ୍ରମେୟାଦି ବିଶ୍ୱରେ ଉପଲବ୍ଧ ହୁଏ କିଏ ଏହି ମହା ପରମାତ୍ମା ରୂପ ମହାଶକ୍ତିଙ୍କୁ ନିର୍ଗୁଣ କହେ ଏବଂ କିଏ ସୁଗୁଣ । ସେହିପରି ମାତୃଶକ୍ତି ଦୁର୍ଗାଙ୍କଠାରେ ନିର୍ଗୁଣ ଓ ସୁଗଣ ଦୁଇଟି ଲକ୍ଷଣ ସବୁ ସମୟ ବ□ମାନ ଅଟେ । ଯିଏ ଯେଉଁ ରୂପରେ ତାଙ୍କୁ ଚିନ୍ତନକରେ ତାକୁ ସେହି ରୂପରେ ଉପଲବ୍ଧ ହୁଏ । ତେଣୁ କେଉଁ ଅନନ୍ତକାଳରୁ ମାତୃଶକ୍ତିର ବୈଶିଷ୍ଟ୍ୟତା ଯୁଗେ ଯୁଗେ ମହାନ ଭାବେ ପ୍ରତିପାଦିତ ହୋଇ ଆସିଛି । ନାରୀ ସଦାସର୍ବଦା ତିନୋଟି କର୍ତ୍ତବ୍ୟକୁ ସୁଚାରୁ ରୂପେ ତଥା ଧୈର୍ଯ୍ୟର ସହ ପାଳନ କରିଥାଏ । ଏକଧାରା ସେ ସୃଷ୍ଟି କାରିଣୀ, ପାଳନ କାରିଣୀ ଓ ସଂହାର କାରିଣୀ ମଧ୍ୟ । ତା'ର ଏହି ତିନୋଟି ଗୁଣ ମଧ୍ୟରୁ ମାତୃଶକ୍ତି ଗୁଣ ସଦାସର୍ବଦା ବିଶ୍ୱକୁ ବହୁ ଦୁଃଖ ଦୁର୍ଦ୍ଦଶାରୁ ରକ୍ଷା କରିଥାଏ । ଦେବତାମାନଙ୍କ ଦୁର୍ଗତୀବେଳେ ଦେବୀଙ୍କର ଜନ୍ମ ଯୋଗୁ ଦେବୀଙ୍କ ନାମ ଦୁର୍ଗା ରୂପେ ନାମିତ । ଉପନିଷଦ ଅନୁସାରେ ଦେଖାଯାଏ ଯେ ଇନ୍ଦ୍ରିୟ ନିକଟରେ ବହୁ ଶୋଭମାନା ଉମା ହୈମବତୀ ହେଉଛନ୍ତି ହିମାଳୟଙ୍କ କନ୍ୟା । ସେହି ଉମା ଇନ୍ଦ୍ରଙ୍କୁ ବ୍ରହ୍ମ ସମ୍ବନ୍ଧରେ ଉପଦେଶ ପ୍ରଦାନ କରିଛନ୍ତି । ସେହି ଉପନିଷଦରେ ଦୁର୍ଗା ନାମରେ ଉତ୍ପତି ସମ୍ବନ୍ଧରେ ଉଲ୍ଲେଖ ଅଛି:-"ଦୁର୍ଗାତ୍ ସଂକ୍ରାୟତେ ଯସ୍ମାତ୍ ଦେବୀ ଦୁର୍ଗେତ କଥ୍ୟତେ' ଯେହେତୁ ମାତୃଶକ୍ତି ସବୁ ବିପଦରୁ ଉଦ୍ଧାର କରନ୍ତି । ତେଣୁ ଏହାଙ୍କୁ ଦୁର୍ଗା କୁହାଯାଏ । ସେ ହିଁ ମହାଶକ୍ତି । ସେହିଁ ବିଶ୍ୱର ଜନନୀ । ମୂଳାପ୍ରକୃତ ଈଶ୍ୱରୀ ଅଟନ୍ତି । "ମାତୃକୃପା ହିଁ କେବଳମ୍" ବିଶ୍ୱାସୀ ସାଧକ ମଧ୍ୟରୁ ଓଡ଼ିଆ ସାହିତ୍ୟର ଆଦିକବି ସାରଳାଦାସ, ଯୋଗୀ ଅରବିନ୍ଦ, ସାଧକ ରାମକୃଷ୍ଣ ପରମହଂସ,ଯୋଗୀ ବିବେକାନନ୍ଦ ପ୍ରଭୃତି ପ୍ରଧାନ । ଅଦୃଶ୍ୟ ଶକ୍ତିକୁ ହାତ ମୁଠାକୁ ଆଣିବା ପାଇଁ ସାଧକଗଣ କଠୋର ବ୍ରତ ଓ ତପ ଆଚରଣ କରିଥାନ୍ତି । ରାଜା ସୁରଥ ଓ ଅଯୋଧ୍ୟାର ରାଜା ରାମଚନ୍ଦ୍ର ଦେବୀଙ୍କୁ ପୂଜା ଆରାଧନା କରି ମାତୃକୃପା ଲାଭ କରିବା ସହ ରାବଣ ଓ ମହିଷା ଭଳି ଆସୁରିକ ଶକ୍ତିର ବିନାଶ ଘଟାଇଥିଲେ । ଭକ୍ତ ପବିତ୍ର ମନରେ ଗାନ କରିଥାଏ:-

'ବିବାଦେ ବିଷାଦେ ପ୍ରମାଦେ, ପ୍ରବାସେ
ଜଳେ ଚାନଳେ ପର୍ବତେ ଶତୃମଧ୍ୟେ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତୁମେକା ଭବାନୀ'

ହେ ମା ଭବାନୀ! ତୁମେ ବିବାଦରେ, ଦୁଃଖରେ ପ୍ରମାଦରେ , ପ୍ରବାସରେ ଜଳ, ଅନଳ, ପର୍ବତ ଓ ଶତୃମାନଙ୍କ ମଧ୍ୟରେ ସମସ୍ତ ଶରଣାପନ୍ନଙ୍କୁ ରକ୍ଷା କରିଥାଅ । ସମଗ୍ର ଦେଶରେ ବିଭିନ୍ନ ନାମ ଓ ରୂପରେ ଦେବୀଙ୍କର ପୂଜା କରାଯାଏ । ଏହି ପାର୍ବଣ ତିଥିରେ ଆନନ୍ଦର ସୀମାନଥାଏ । ଉତ୍କଳ, ବଙ୍ଗ, ଏହି ସର୍ବଜନୀନ ଦୁର୍ଗା ପୁଜାର ଉନ୍ମେଷ ବୋଲି ସମାଲୋଚକଙ୍କ ଧାରଣା । ଦେବୀ ମାହାତ୍ମ୍ୟରେ ଦୁର୍ଗାଙ୍କୁ 'ଶାକମ୍ଭରୀ' ବୋଲି କୁହାଯାଇଛି । 'ଶାକ' ଶବ୍ଦର ଅର୍ଥ ବିଭିନ୍ନ ପ୍ରକାର ଶସ୍ୟ ଏବଂ ଶାକମ୍ଭରୀ ଶବ୍ଦର ଅର୍ଥ-ଶସ୍ୟ ପାଳିକା । ପ୍ରାକୃତିକ ବୈଚିତ୍ର୍ୟାନୁସାରେ ଶସ୍ୟ ସମୃଦ୍ଧିର ଋତୁ ହେଉଛି ଶରତ ଋତୁ । ଏହି ଋତୁରେ ଦୁର୍ଗାପୁଜା ଅନୁଷ୍ଠିତ ହୁଏ । ଓଡ଼ିଶାର ପଶ୍ଚିମା□ଳରେ ଶାରଦୀୟ ଉତ୍ସବକୁ କୃଷି ମହୋତ୍ସବ ଭାବରେ ପାଳନ କରିଥାନ୍ତି । ସେହି ଶକ୍ତିମୟୀ ଦୁର୍ଗା ଆତ୍ମଶକ୍ତି ଦ୍ୱାରା ଜଗତ୍ ପରିବ୍ୟାପ୍ତ ହୋଇଛନ୍ତି । ସମସ୍ତ ଦେବତାମାନଙ୍କର ଶକ୍ତି ଯାହାଙ୍କ ମଧ୍ୟରେ ରହିଅଛି ସମସ୍ତ ଦେବ ଓ ମହର୍ଷିମାନଙ୍କ ଦ୍ୱାରା ପୂଜିତ ସେହି ଅମ୍ବିକାଙ୍କୁ ଆମ୍ଭେମାନେ ଭକ୍ତିପୂତ ପ୍ରଣିପାତ ଜଣାଉଛୁ । ପ୍ରତିବର୍ଷ ପରି ଏଥର ମଧ୍ୟ ଶାରଦୀୟ ପାର୍ବଣ ଆସିଛି । ଭବ ବାଧାବନ୍ଧନ ଛିନ୍ନ କାରିଣୀ ମୁକ୍ତି ପ୍ରଦାୟିନୀ ମାତୃଶକ୍ତିର ଅର୍ଚ୍ଚନା ପାଇଁ ନଗର ପଲ୍ଲୀର ମହା ସମାରୋହ ଚାଲିଛି । ଏହି ଶୁଭ ମହୁର୍ତରେ ନିଜ ନିଜ ମଧ୍ୟରୁ ସବୁ ପ୍ରକାର ଭେଦଭାବ, ଦ୍ୱେଷକୁ ଭୁଲିଯାଇ ଐକ୍ୟ ଓ ବନ୍ଧୁତାରେ ଆବଦ୍ଧ ହୋଇ ମାଆଙ୍କର ଆରାଧନା କଲେ ମାତୃକୃପାରୁ ଅଶେଷ ଫଳ ମିଳିଥାଏ । ସାଧନାରେ ସିଦ୍ଧ ଅବଶମ୍ଭାବୀ । ମା'ଙ୍କର ଏହି ଉପାସନା ଦ୍ୱାରା ମନ, ଶରୀର ଓ ବଚନ ଶୁଦ୍ଧ ଓ ପବିତ୍ର ହୋଇଥାଏ । ମାନବ ସମାଜ ଦେବତ୍ୱରେ ସନ୍ଧାନ ପାଏ । ଦେବୀଙ୍କ କରୁଣା କାଣିଚାଏ ମିଳିଲେ ଏ ମାନବ ସମାଜ ପକ୍ଷରେ କୌଣସି ଅସାଧ ହୋଇନଥାଏ । ସେଥିପାଇଁ ବୈଦିକ ଋଷିଗଣ ପ୍ରାର୍ଥନା କରନ୍ତି

*"ଅସତୋ ମା ସଦ୍ ଗମୟ,ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋ ମାଁ ଅମୃତଂ ଗମୟଂ ।*

ହେ ଭଗବତୀ ଆମକୁ ଅସତ୍ୟରୁ ସତ୍ୟ, ଅନ୍ଧାରରୁ ଆଲୋକ ଏବଂ ମୃତ୍ୟୁର ଅମରତ୍ୱ ଆଡ଼କୁ ଘେନିଯାଅ । ଅସତ୍ୟ ଅର୍ଥ- ଦୁର୍ବଳତା, ଅନ୍ଧକାର ଅର୍ଥ ଅଜ୍ଞନତା ଏବଂ ମୃତ୍ୟୁର ଅର୍ଥ ଦୁଃଖ । ସମାଜରୁ ଅସତ୍ୟ ରୂପି ଦୁର୍ବଳତା, ଅନ୍ଧକାର ରୂପୀ ଅଜ୍ଞାନତା ଏବଂ ମୃତ୍ୟୁ ରୂପୀ ଦୁଃଖରୁ ମା' ଶକ୍ତିରୂପୀ ଦୁର୍ଗା ସମସ୍ତ ମାନବ ଜାତିକୁ ସଙ୍କଟରୁ ଉଦ୍ଧାର କରନ୍ତୁ ଓ ବିଶ୍ୱର ମଙ୍ଗଳ କରନ୍ତୁ ଏହା ହିଁ ମା'ଙ୍କ ପାଦରେ ନିବେଦନ ।

*ସଂପାଦକ, ମାର୍ଗଦର୍ଶୀ,ଭଗତ୍ ଲେନ୍ , ମେନ୍ ରୋଡ୍, ଖୋର୍ଦ୍ଧା, ୮୮୯୫୫୪୭୪୯୦*

# ଶିକ୍ଷାରୁ ନିଯୁକ୍ତି ପର୍ଯ୍ୟନ୍ତ ଯାତ୍ରା ଶିକ୍ଷାରେ ନିବେଶ ଓ ଜୀବିକା ନିର୍ମାଣ

ଆର୍ଥିକ ସଶକ୍ତୀକରଣର ଆରମ୍ଭ ହୁଏ ଯେତେବେଳେ ଜଣେ ଯୁବକ ବା ଯୁବତୀ ଶିକ୍ଷା ସମାପ୍ତ କରି ନିଜର ବୃତିଗତ ଜୀବନ ଗଢ଼ିବା ପାଇଁ ପ୍ରସ୍ତୁତ ହୁଅନ୍ତି । ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ଏହି ଯାତ୍ରାକୁ ଦୃଷ୍ଟିରେ ରଖି ନିଜର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛି, ଯାହାଦ୍ୱାରା ଗୋଟିଏ ପର୍ଯ୍ୟାୟରେ ମିଳୁଥିବା ସହାୟତା ପରବର୍ତୀ ପର୍ଯ୍ୟାୟରେ ନୂତନ ସୁଯୋଗ ସୃଷ୍ଟି କରିପାରିବ । ଶିକ୍ଷା ଜାରି ରଖିବା ପାଇଁ ଛାତ୍ରବୃତିଠାରୁ ଆରମ୍ଭ କରି ଫେଲୋସିପ୍, କୋଚିଂ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ପର୍ଯ୍ୟନ୍ତଏହି ସମସ୍ତ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଏକ ନିରନ୍ତର ସହାୟତା ବ୍ୟବସ୍ଥା ଗଠନ କରିବା, ଯାହା ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ସ୍ୱାବଲମ୍ବନ ଦିଗରେ ଆଗେଇ ନେବ । ଛାତ୍ରବୃତି ମାଧ୍ୟମରେ ମୂଳଦୁଆ ନିର୍ମାଣ ଯେଉଁ ଛାତ୍ରଛାତ୍ରୀମାନେ ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ଅନଗ୍ରସର ପରିବାରରୁ ଆସିଥାନ୍ତି ଏବଂ ଯାହାଙ୍କ ପରିବାରର ଆର୍ଥିକ ସମ୍ବଳ ସୀମିତ, ସେମାନଙ୍କ ପାଇଁ ବିଦ୍ୟାଳୟ ଶିକ୍ଷା ସମାପ୍ତ କରିବା ଏକ ଆହ୍ୱାନ ହୋଇପାରେ । ଅଷ୍ଟମ ଶ୍ରେଣୀ ପରେ ପରିବାର ପାଇଁ ପିଲାଙ୍କ ଶିକ୍ଷା ଆଗକୁ ଜାରି ରଖିବା ସମ୍ଭବ ହେବ କି ନାହିଁ, ଏହି ପ୍ରଶ୍ନ ଅନେକ ସମୟରେ ଏକ କଠିନ ସମସ୍ୟା ଭାବେ ଉଭା ହୁଏ । ପ୍ରାକ୍-ମାଟ୍ରିକ୍ ଛାତ୍ରବୃତି ଯୋଜନା ନବମ ଓ ଦଶମ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ନାମଲେଖା ଓ ଉପସ୍ଥିତି ଜାରି ରଖିବାରେ ସହାୟତା କରି ଏହି ସମସ୍ୟାର ସମାଧାନ କରିଥାଏ । ବିଦ୍ୟାଳୟ ଶିକ୍ଷା ପରେ, ମାଟ୍ରିକ୍ ପରବର୍ତୀ ଛାତ୍ରବୃତି ଯୋଜନା ଟ୍ୟୁସନ୍ ଫି’ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ସମେତ ଶିକ୍ଷା ସମ୍ବନ୍ଧୀୟ ବ୍ୟୟ ପାଇଁ ସହାୟତା ଯୋଗାଇ ଉଚ୍ଚଶିକ୍ଷା ଗ୍ରହଣ କରିବାର ସୁଯୋଗ ସୃଷ୍ଟି କରେ । ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବ୍ୟବସ୍ଥାରେ ରଖିବା ହେଉଛି ବିଭାଗର ଛାତ୍ରବୃତି ଯୋଜନାଗୁଡ଼ିକର ମୂଳଦୁଆ । ଗତ ବାର ବର୍ଷ ମଧ୍ୟରେ ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ଅନ୍ୟ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାକ୍-ମାଟ୍ରିକ୍ ଓ ପୋଷ୍ଟ-ମାଟ୍ରିକ୍ ଛାତ୍ରବୃତି ଯୋଜନା ଅଧୀନରେ ୬୫,୭୫୬ କୋଟି ଟଙ୍କାରୁ ଅଧିକ ଅର୍ଥ ୧୯.୮ କୋଟିରୁ ଅଧିକ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ପରିସଂଖ୍ୟାନ ଆର୍ଥିକ ପ୍ରତିବନ୍ଧକ ଦୂର କରି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଜାରି ରଖିବାରେ ସହାୟତା ଯୋଗାଇବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପର ବ୍ୟାପକତାକୁ ପ୍ରତିଫଳିତ କରେ । ଏହା ସହିତ, ଛାତ୍ରବୃତି ପ୍ରଦାନ ବ୍ୟବସ୍ଥାରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ହୋଇଛି । ୨୦୨୧-୨୨ ମସିହାଠାରୁ ଛାତ୍ରବୃତି ଯୋଜନାଗୁଡ଼ିକୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବ୍ୟବସ୍ଥା ଅଧୀନକୁ ଅଣାଯାଇଛି । ଏହା ସହିତ ଅନାବଶ୍ୟକ ଓ ଦ୍ୱିତୀୟ ଏ[ଗୁଡ଼ିକୁ ହଟାଇବା ପାଇଁ ତଥ୍ୟର ନକଲ ଯା* ଓ ଅପସାରଣ, ଛାତ୍ରଛାତ୍ରୀ ଏବଂ ଅଧିକାରୀଙ୍କ ପାଇଁ ବାୟୋମେଟ୍ରିକ୍ ଇ-କେୱାଇସି ଏବଂ ବିଭିନ୍ନ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କ ତଥ୍ୟ ଅନୁସରଣ କରିବା ପାଇଁ ଏକକ ପଞ୍ଜୀକରଣ ବ୍ୟବସ୍ଥା ଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଡିଜିଲକର, ସର୍ବଭାରତୀୟ ଉଚ୍ଚଶିକ୍ଷା ସର୍ବେକ୍ଷଣ ଏବଂ ଶିକ୍ଷା ପାଇଁ ଏକୀକୃତ ଜିଲ୍ଲା ସୂଚନା ପ୍ରଣାଳୀ ତଥ୍ୟଭଣ୍ଡାର ସହିତ ଏହାର ସମନ୍ୱୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିଛି । ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ଆର୍ଥିକ ସହାୟତା ସିଧାସଳଖ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାରେ ପହଁଚିବା ସୁନିଶ୍ଚିତ ହେବା ସହ ମଧ୍ୟସ୍ଥିଙ୍କ ଭୂମିକା ହ୍ରାସ ପାଉଛି ଏବଂ ସ୍ୱଚ୍ଛତା ବୃଦ୍ଧି ପାଉଛି । ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ ସୁଯୋଗର ଦ୍ୱାର ଉନ୍ମୁକ୍ତ ଯେଉଁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ଗ୍ରହଣ କରିବାକୁ ଆଗ୍ରହୀ, ସେମାନଙ୍କ ପାଇଁ ଆର୍ଥିକ ପ୍ରତିବନ୍ଧକ ଏବେ ମଧ୍ୟ ଶିକ୍ଷା ସମ୍ବନ୍ଧୀୟ ପସନ୍ଦ ଓ ସୁଯୋଗକୁ ସୀମିତ କରିପାରେ । ବିଭାଗର ଉଚ୍ଚଶିକ୍ଷା ସମ୍ବନ୍ଧୀୟ ଯୋଜନାଗୁଡ଼ିକ ଶିକ୍ଷାଗତ ଯାତ୍ରାର ବିଭିନ୍ନ ପର୍ଯ୍ୟାୟରେ ଏହି ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାକୁ ଲକ୍ଷ୍ୟ ରଖିଛି । ଟପ୍ କ୍ଲାସ୍ ଏଜୁକେସନ୍ ଯୋଜନା ଅଧୀନରେ ନିର୍ଦ୍ଧାରିତ ଉତ୍କୃଷ୍ଟ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଟ୍ୟୁସନ୍ ଫି’ ଏବଂ ଅନ୍ୟାନ୍ୟ ଅନୁମୋଦିତ ଶିକ୍ଷାଗତ ଖର୍ଚ୍ଚ ପାଇଁ ସହାୟତା ଦିଆଯାଏ । ଏହାଦ୍ୱାରା ମେଧା ଆଧାରରେ ମିଳିଥିବା ନାମଲେଖାର ସୁଯୋଗ କେବଳ ଆର୍ଥିକ ସମ୍ବଳର ଅଭାବ ଯୋଗୁଁ ହାତଛଡ଼ା ନହେବା ସୁନିଶ୍ଚିତ କରାଯାଇଥାଏ । ଗବେଷଣା କ୍ଷେତ୍ରରେ ଆଗକୁ ବଢ଼ିବାକୁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟ ଫେଲୋସିପ୍ ଯୋଜନା ମାସିକ ଭତା ଏବଂ ଆକସ୍ମିକ ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା ଯୋଗାଇଥାଏ । ଏହାଦ୍ୱାରା ଗବେଷକମାନେ ନିଜର ଶୈକ୍ଷିକ ଓ ଗବେଷଣାମୂଳକ କାର୍ଯ୍ୟ ଉପରେ ଏକାଗ୍ରତାର ସହ ଧ୍ୟାନ ଦେଇପାରନ୍ତି । ଜାତୀୟ ବିଦେଶ ଛାତ୍ରବୃତି ଯୋଜନା ମାଧ୍ୟମରେ ମନୋନୀତ ଛାତ୍ରଛାତ୍ରୀମାନେ ବିଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍ନାତକୋତର ଓ ଡକ୍ଟରେଟ୍ କାର୍ଯ୍ୟକ୍ରମରେ ଅଧ୍ୟୟନ କରିବାର ସୁଯୋଗ ପାଆନ୍ତି । ଏହାଦ୍ୱାରା ଉନ୍ନତ ଶିକ୍ଷା ଏବଂ ଆନ୍ତର୍ଜାତୀୟ ଶୈକ୍ଷିକ ଅଭିଜ୍ଞତା ହାସଲ କରିବାର ସୁଯୋଗ ବ୍ୟାପକ ହୁଏ । ଅନ୍ୟାନ୍ୟ ପଛୁଆ ବର୍ଗ, ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ ଏବଂ ବିଜ୍ଞପ୍ତିଭୁକ୍ତ ଜନଜାତିର ଛାତ୍ରଛାତ୍ରୀମାନେ ମଧ୍ୟ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପି.ଏମ୍. ୟଙ୍ଗ୍ ଆଚିଭର୍ସ ସ୍କଲାରସିପ୍ ଆୱାର୍ଡ ସ୍କିମ୍ ଅଧୀନରେ ସହାୟତା ପାଉଛନ୍ତି । ଏହି ଯୋଜନାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଉଭୟ ସ୍ତରରେ ଉତ୍କୃଷ୍ଟ ଶିକ୍ଷା ପାଇଁ ବ୍ୟବସ୍ଥା ରହିଛି । ସାମଗ୍ରିକ ଭାବେ, ଏହି ସମସ୍ତ ପଦକ୍ଷେପ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ଶିକ୍ଷାରୁ ବିଶେଷଜ୍ଞ ଶିକ୍ଷା, ଗବେଷଣା ଏବଂ ଉଚ୍ଚତର ଶୈକ୍ଷିକ ଯୋଗ୍ୟତା ହାସଲ କରିବା ଦିଗରେ ଆଗେଇ ନେବାରେ ସହାୟକ ହେଉଛି । ଆବାସ ବ୍ୟବସ୍ଥାର ଆହ୍ୱାନର ମୁକାବିଲା ଶିକ୍ଷା ଶୁଳ୍କ ଏବଂ ଶୈକ୍ଷିକ ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ଛାତ୍ରଛାତ୍ରୀଙ୍କ ଶିକ୍ଷା ଜାରି ରଖିବା ସୁନିଶ୍ଚିତ କରିବାର ଏକମାତ୍ର ଉପାୟ ନୁହେଁ । ଏକ ଛୋଟ ସହରର ଛାତ୍ର ଯେତେବେଳେ ଅନ୍ୟ ଏକ ସହରର ଉତମ ଶିକ୍ଷାନୁଷ୍ଠାନରେ ପଢ଼ିବା ପାଇଁ ନାମ ଲେଖାଇବାର ସୁଯୋଗ ପାଏ, ସେତେବେଳେ ସୁରକ୍ଷିତ ଓ ସୁଲଭ ଆବାସ ବ୍ୟବସ୍ଥା ଖୋଜିବା ତା’ ପାଇଁ ଆଉ ଏକ ଆହ୍ୱାନ ହୋଇଥାଏ । ଉପଯୁକ୍ତ ଆବାସିକ ସୁବିଧାର ଅଭାବ ପରିବାର ଉପରେ ଆର୍ଥିକ ବୋଝ ବଢ଼ାଇପାରେ ଏବଂ କେତେକ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ଛାଡ଼ିବାକୁ ମଧ୍ୟ ବାଧ୍ୟ କରିପାରେ । ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନାର ହଷ୍ଟେଲ ଉପାଦାନ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ବାଳକ ଓ ବାଳିକାଙ୍କ ପାଇଁ ହଷ୍ଟେଲ ନିର୍ମାଣ ଯୋଜନା ଆବାସିକ ସୁବିଧା ଉପଲବ୍ଧ କରାଇବା ଦିଗରେ ସହାୟତା ପ୍ରଦାନ କରି ଏହି ସମସ୍ୟାର ସମାଧାନ ଲକ୍ଷ୍ୟ ରଖିଛି । ଏଭଳି ଭିତିଭୂମି ବୃତି ସହାୟତାର ପରିପୂରକ ଭାବେ କାର୍ଯ୍ୟ କରିଥାଏ ଏବଂ ଛାତ୍ରଛାତ୍ରୀଙ୍କୁ ଅଧିକ ସୁରକ୍ଷିତ ଓ ନିରବଚ୍ଛିନ୍ନ ଭାବେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପ୍ରଦାନ କରେ । ଏହାର ଉଦ୍ଦେଶ୍ୟ ହେଉଛି, ଆର୍ଥିକ ସମ୍ବଳ କିମ୍ବା ଅତ୍ୟାବଶ୍ୟକ ଭିତିଭୂମିର ଅଭାବ ଯେପରି ଶିକ୍ଷାଗତ ଉନ୍ନତିର ପଥରେ ବାଧା ସୃଷ୍ଟି ନକରେ, ତାହା ସୁନିଶ୍ଚିତ କରିବା । ଶିକ୍ଷାରୁ ନବସୃଜନ ଓ ଉଦ୍ୟୋଗ ପ୍ରତିଷ୍ଠା ପର୍ଯ୍ୟନ୍ତ ଶିକ୍ଷା ଆର୍ଥିକ ସଶକ୍ତୀକରଣର ଅନେକ ପଥ ଉନ୍ମୁକ୍ତ କରେ । ଅନେକ ଛାତ୍ରଛାତ୍ରୀ ନିଯୁକ୍ତି ପାଇବାକୁ ଆକାଂକ୍ଷା ରଖୁଥିବାବେଳେ, ଅନ୍ୟ କେତେକ ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା କରି ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି କରିବାକୁ ଚାହାନ୍ତି । ଶିକ୍ଷାରୁ ରୋଜଗାର ପର୍ଯ୍ୟନ୍ତ ଏହି ଯାତ୍ରାର ବିଭିନ୍ନ ପର୍ଯ୍ୟାୟରେ ସହାୟତା ଯୋଗାଇ ଦେବା ମାଧ୍ୟମରେ ବିଭାଗର ଆର୍ଥିକ ସହାୟତାମୂଳକ ପଦକ୍ଷେପଗୁଡ଼ିକ ଉଭୟ ଆକାଂକ୍ଷାକୁ ସମର୍ଥନ କରିଥାଏ । ଯୁବ ଉଦ୍ଭାବକ ଓ ଗବେଷକମାନଙ୍କ ପାଇଁ ଆମ୍ବେଦକର ସାମାଜିକ ନବସୃଜନ ଓ ଇନକ୍ୟୁବେସନ୍ ମିଶନ୍ ଅଭିନବ ଚିନ୍ତାଧାରାକୁ ସଫଳ ଓ କାର୍ଯ୍ୟକ୍ଷମ ଉଦ୍ୟୋଗରେ ପରିଣତ କରିବା ନିମନ୍ତେ ସର୍ବାଧିକ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ସହାୟତା ପ୍ରଦାନ କରେ । ଛାତ୍ରଛାତ୍ରୀ ଓ ଗବେଷକମାନଙ୍କ ମଧ୍ୟରେ ଉଦ୍ୟୋଗଶୀଳତାକୁ ପ୍ରୋତ୍ସାହିତ କରି ଏହି ପଦକ୍ଷେପ ଜ୍ଞାନ ଓ ନବସୃଜନକୁ ବାସ୍ତବ ଆର୍ଥିକ ସୁଯୋଗ ସହିତ ଯୋଡ଼ିବାକୁ ଲକ୍ଷ୍ୟ ରଖିଛି । ଭେଂଚର କ୍ୟାପିଟାଲ୍ ଫଣ୍ଡ ଯୋଗ୍ୟ ଉଦ୍ୟୋଗଗୁଡ଼ିକୁ ୪ ପ୍ରତିଶତ ସୁଧ ହାରରେ ରିହାତିଯୁକ୍ତ ଋଣ ପ୍ରଦାନ କରେ । ଏହା ବ୍ୟବସାୟର ବିକାଶ ପାଇଁ ତୁଳନାତ୍ମକ ଭାବେ ସୁଲଭ ମୂଲ୍ୟରେ ପୁଞ୍ଜି ଯୋଗାଇଥାଏ । ଏଭଳି ସହାୟତା ଆଶାୟୀ ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ଆରମ୍ଭ କିମ୍ବା ଏହାର ସମ୍ପ୍ରସାରଣ କ୍ଷେତ୍ରରେ ଦେଖାଦେଉଥିବା ଏକ ପ୍ରମୁଖ ପ୍ରତିବନ୍ଧକ ଯଥା ଯୁକ୍ତିସଂଗତ ସର୍ତରେ ଋଣ ପାଇବାର ଅସୁବିଧା ଦୂର କରିବାରେ ସହାୟତା କରିପାରେ । ଜୀବିକା ପାଇଁ ଆର୍ଥିକ ସହାୟତାକୁ ଅଧିକ ସୁଗମ କରିବା ପ୍ରତ୍ୟେକ ସ୍ନାତକ ଏକ ବୃହତ୍ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଚାହାନ୍ତି ନାହିଁ । ଅନେକଙ୍କ ପାଇଁ ଏକ ଛୋଟ ଦୋକାନ, କର୍ମଶାଳା କିମ୍ବା ସେବାଭିତିକ ବ୍ୟବସାୟ ଆର୍ଥିକ ସ୍ୱାଧୀନତା ହାସଲ କରିବାର ଏକ ବ୍ୟବହାରିକ ମାଧ୍ୟମ ହୋଇପାରେ । ସୁଲଭ ଋଣ ପାଇବାର ସୁଯୋଗ ଏକ ଆକାଂକ୍ଷାକୁ କେବଳ ଚିନ୍ତାଧାରା ମଧ୍ୟରେ ସୀମିତ ରଖିବା ଏବଂ ତାହାକୁ ଏକ ସ୍ଥାୟୀ ଜୀବିକାରେ ପରିଣତ କରିବା ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିପାରେ । ବଂଚିତ ଇକାଇ ସମୂହ ଔର ବର୍ଗୌଂ କୋ ଆର୍ଥିକ ସହାୟତା’ ଯୋଜନା ଯୋଗ୍ୟ ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ସଫେଇ କର୍ମଚାରୀ ଋଣଗ୍ରହୀତାଙ୍କ ଦ୍ୱାରା ପରିଚାଳିତ ଜୀବିକାଭିତିକ କାର୍ଯ୍ୟକଳାପକୁ ସହାୟତା ପ୍ରଦାନ କରେ । ଏଥିରେ ବ୍ୟକ୍ତିବିଶେଷ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଅନ୍ତର୍ଭୁକ୍ତ । ଆୟ ସୃଷ୍ଟିକାରୀ ଋଣ ଉପରେ ୫ ପ୍ରତିଶତ ସୁଧ ସହାୟତା ପ୍ରଦାନ ମାଧ୍ୟମରେ ଏହି ଯୋଜନା ନିୟମିତ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକଠାରୁ ଋଣ ନେବାର ପ୍ରକୃତ ଖର୍ଚ୍ଚକୁ ହ୍ରାସ କରିବାରେ ସହାୟତା କରେ । ଏହି ସହାୟତା ରାଶି ସିଧାସଳଖ ହିତାଧିକାରୀଙ୍କୁ ପ୍ରଦାନ କରାଯାଏ, ଯାହା ଛୋଟ ବ୍ୟବସାୟ ପ୍ରତିଷ୍ଠା କିମ୍ବା ତାହାର ସମ୍ପ୍ରସାରଣ କରିବାକୁ ଚାହୁଁଥିବା ଋଣଗ୍ରହୀତାଙ୍କ ଆର୍ଥିକ ବୋଝକୁ ହାଲୁକା କରେ । ସ୍ୱଚ୍ଛତା କ୍ଷେତ୍ରରେ ନିୟୋଜିତ ଶ୍ରମିକମାନଙ୍କ ପାଇଁ ସ୍ୱଚ୍ଛତା ଉଦ୍ୟମୀ ଯୋଜନା ଜାତୀୟ ସଫାଇ କର୍ମଚାରୀ ଆର୍ଥିକ ଓ ବିକାଶ ନିଗମ ମାଧ୍ୟମରେ ରିହାତିଯୁକ୍ତ ଋଣ ପ୍ରଦାନ କରେ । ଏହି ଯୋଜନା ଯାନବାହନ ଓ ଉପକରଣ ସମ୍ବନ୍ଧୀୟ ସ୍ୱଚ୍ଛତା ଭିତିକ ଉଦ୍ୟୋଗଗୁଡ଼ିକୁ ସହାୟତା କରିଥାଏ ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ନିଜସ୍ୱ ଉଦ୍ୟୋଗର ମାଲିକ ହେବା ଦିଗରେ ଆଗେଇ ନେଇଥାଏ । ଏହି କାର୍ଯ୍ୟକଳାପ ପାଇଁ ଆର୍ଥିକ ସହାୟତା ଉପଲବ୍ଧ କରାଇ ଏହି ପଦକ୍ଷେପ ଶ୍ରମିକମାନଙ୍କୁ ନିଜର ଜୀବିକାକୁ ସୁଦୃଢ଼ କରିବା ଏବଂ ଆର୍ଥିକ ବିକାଶରେ ଅଧିକ ସକ୍ରିୟ ଭାବେ ଅଂଶଗ୍ରହଣ କରିବାର ସୁଯୋଗ ସୃଷ୍ଟି କରେ । ସୁଯୋଗର ଏକ ନିରନ୍ତର ଧାରା ସୃଷ୍ଟି କରିବା ପୁନର୍ବାର ସେହି ଛାତ୍ରଙ୍କ କଥା ବିଚାର କରନ୍ତୁ, ଯିଏ ଅଷ୍ଟମ ଶ୍ରେଣୀ ଶେଷ କରିଛି, କିନ୍ତୁ ଭବିଷ୍ୟତ ସମ୍ପର୍କରେ ନିଶ୍ଚିତ ନୁହେଁ । ଏକ ବୃତି ତାଙ୍କୁ ବିଦ୍ୟାଳୟରେ ପଢ଼ା ଜାରି ରଖିବା ଏବଂ ପରବର୍ତୀ ସମୟରେ ମହାବିଦ୍ୟାଳୟରେ ପ୍ରବେଶ କରିବାରେ ସହାୟତା କରିପାରେ । କୋଚିଂ ସହାୟତା ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପଥ ଉନ୍ମୁକ୍ତ କରିପାରେ, ଯେତେବେଳେ ଉଚ୍ଚଶିକ୍ଷା ଯୋଜନା କିମ୍ବା ଫେଲୋସିପ୍ ଅଧୀନରେ ମିଳୁଥିବା ସହାୟତା ଉଚ୍ଚତର ଅଧ୍ୟୟନ ଓ ଗବେଷଣାକୁ ସମ୍ଭବ କରିପାରେ । ଯେଉଁମାନେ ଏକ ଭିନ୍ନ ପଥ ବାଛନ୍ତି, ସେମାନଙ୍କ ପାଇଁ ଦକ୍ଷତା ବିକାଶର ସୁଯୋଗ, ଷ୍ଟାର୍ଟଅପ୍ ପାଇଁ ପାଣ୍ଠି ଏବଂ ରିହାତିଯୁକ୍ତ ଋଣ ନିଯୁକ୍ତି କିମ୍ବା ଉଦ୍ୟୋଗ ପ୍ରତିଷ୍ଠାର ମାର୍ଗ ପ୍ରଶସ୍ତ କରିପାରେ । ପ୍ରତ୍ୟେକ ପର୍ଯ୍ୟାୟର ସହାୟତା ପରବର୍ତୀ ପର୍ଯ୍ୟାୟ ପାଇଁ ଭିତିଭୂମି ପ୍ରସ୍ତୁତ କରେ । ଏହି ପଦକ୍ଷେପ ଗୁଡ଼ିକର ପ୍ରଭାବ ବ୍ୟକ୍ତିଗତ ହିତାଧିକାରୀଙ୍କଠାରେ ସୀମିତ ନରହି ଅନ୍ୟମାନଙ୍କ ପାଖକୁ ମଧ୍ୟ ବିସ୍ତାରିତ ହୋଇପାରେ । ନିଯୁକ୍ତି ପାଇଥିବା ଜଣେ ସ୍ନାତକ ନିଜର ସାନ ଭାଇଭଉଣୀଙ୍କ ପାଠପଢ଼ା ଜାରି ରଖିବାରେ ସହାୟତା କରିପାରନ୍ତି । ନିଜର ବ୍ୟବସାୟ ପ୍ରତିଷ୍ଠା କରି ପଡ଼ୋଶୀ



ଶ୍ରୀ ସୁଧାଂଶ ପନ୍ତ

ଲୋକମାନଙ୍କୁ ନିଯୁକ୍ତି ଦେଉଥିବା ଜଣେ ଉଦ୍ୟୋଗୀ ସମଗ୍ର ସମୁଦାୟ ମଧ୍ୟରେ ସୁଯୋଗର ପରିସରକୁ ବିସ୍ତାର କରିପାରନ୍ତି । ସମୟକ୍ରମେ ଏହି ଲାଭଗୁଡ଼ିକ ପରିବାରଗୁଡ଼ିକୁ ନିଜର ଆର୍ଥିକ ଓ ସାମାଜିକ ସ୍ଥିତିରେ ଉନ୍ନତି ଆଣିବାରେ ସହାୟତା କରିପାରେ ଏବଂ ପରବର୍ତୀ ପିଢ଼ିକୁ ଅଧିକ ସୁଦୃଢ଼ ସ୍ଥିତିରୁ ନିଜ ଯାତ୍ରା ଆରମ୍ଭ କରିବାର ସୁଯୋଗ ଦେଇପାରେ । ବିଭାଗର ଦାୟିତ୍ୱ ହେଉଛି, ଏହି ସମସ୍ତ ପର୍ଯ୍ୟାୟ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ ରଖିବା, ଯାହାଦ୍ୱାରା ଶିକ୍ଷା ପାଇଁ ପ୍ରଥମ ପଦକ୍ଷେପ ନେଉଥିବା ଜଣେ ଛାତ୍ର ଆଗାମୀ ଦିନରେ ଉପଲବ୍ଧ ସମ୍ଭାବନାଗୁଡ଼ିକୁ ମଧ୍ୟ ଦେଖିପାରିବେ । ଯେତେବେଳେ ବୃତି, କୋଚିଂ, ଉଚ୍ଚଶିକ୍ଷା, ଦକ୍ଷତା ବିକାଶ ଏବଂ ଋଣ ସହାୟତା ପରସ୍ପରର ପରିପୂରକ ଭାବେ କାର୍ଯ୍ୟ କରେ, ସେତେବେଳେ ସଶକ୍ତୀକରଣ କେବଳ କିଛି ପୃଥକ୍ ପୃଥକ୍ ସୁବିଧାର ସମାହାର ହୋଇ ରହେ ନାହିଁ । ଏହା ଶ୍ରେଣୀଗୃହରୁ କର୍ମକ୍ଷେତ୍ରକୁ, ଶିକ୍ଷାରୁ ଉଦ୍ୟୋଗକୁ ଏବଂ ଗୋଟିଏ ପିଢ଼ିରୁ ପରବର୍ତୀ ପିଢ଼ିକୁ ଆଗେଇ ଯାଉଥିବା ଏକ ନିରନ୍ତର ପ୍ରଗତିରେ ପରିଣତ ହୁଏ ।

***(ଲେଖକ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ସଚିବ ପଦରେ ଅବସ୍ଥାପିତ)***

## ପ୍ରତି ୫୦ କିଲୋମିଟରରେ ଯାତ୍ରୀଙ୍କୁ ମିଳିବ ‘ୱେ-ସାଇଡ୍ ଆମିନିଟିସ୍ ?’

ଭୁବନେଶ୍ୱର : ସଡ଼କ ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଦୁର୍ଘଟଣାମୁକ୍ତ କରିବା ଦିଗରେ ରାଜ୍ୟସରକାର ଏକ ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଏକ୍ସପ୍ରେସ୍ ୱେ କିମ୍ବା ଜିଲ୍ଲା ମୁଖ୍ୟ ସଡ଼କରେ ଦୀର୍ଘ ଯାତ୍ରା କରୁଥିବା ଗାଡ଼ିଚାଳକ ତଥା ପର୍ଯ୍ୟଟକଙ୍କୁ ରାସ୍ତାକଡ଼ରେ ସର୍ବନିମ୍ନ ସୁବିଧା ପ୍ରଦାନ କରାଯିବ । ରାସ୍ତାକଡ଼ରେ ୱେ-ସାଇଡ୍ ଆମିନିଟିସ୍ ସେଂଟର (ସଡ଼କ ପାର୍ଶ୍ୱ ସୁବିଧା କେନ୍ଦ୍ର) ପ୍ରତିଷ୍ଠା ହେବ । ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ, ଆଇନ, ପୂର୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତା କରିଥିଲେ । ଜାତୀୟ ରାଜପଥ, ଏକ୍ସପ୍ରେସ୍ ୱେ, ରାଜ୍ୟ ରାଜପଥ କିମ୍ବା ଜିଲ୍ଲା ମୁଖ୍ୟ ସଡ଼କର ପ୍ରତି ୫୦ କିଲୋମିଟର ଅନ୍ତରରେ ୱେ-ସାଇଡ୍ ଆମିନିଟିସ୍ ସେଂଟର ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା । ଏହି କେନ୍ଦ୍ର ପ୍ରତିଷ୍ଠା ହେଲେ ରାସ୍ତାରେ ଯାତ୍ରା କରୁଥିବା ଟ୍ରାକ ଚାଳକ, ବସ୍‌ଯାତ୍ରୀ କିମ୍ବା ଚାରିଚକିଆ ଯାନରେ ଯାତ୍ରା କରୁଥିବା ଯାତ୍ରୀମାନେ ଏହି କେନ୍ଦ୍ରର ସୁବିଧା ନେଇପାରିବେ ।

## ୨ଦିବସୀୟ ଫୁଟ ବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ



ନୀଳଗିରି(ନିପ୍ର) : ନୀଳ ଗିରି ବ୍ଲକ ଭଉଁରିଆବାଡ଼ ପଂଚାୟତର ହାତୀମୁଣ୍ଡା ଗ୍ରାମ ପଡ଼ିଆରେ ୨୧ତମ ସାରନା ଖେରୱାଲ ଆଥ୍ଲେଟିକ ଏଣ୍ଡ କଲଚୁରାଲ କ୍ଲବ ପକ୍ଷରୁ ୨ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇ ଯାଇଛି । ଉଦଘାଟନୀ ଉତ୍ସବରେ ସ୍ଥାନୀୟ ସରପଂଚ ସଞ୍ଜୟ କୁ.ସିଂ ଫିତା କାଟି ଖେକୁ ଶୁଭ ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଂଚ ସଞ୍ଜୟ କୁ.ସିଂ, ମୁଖ୍ୟବକ୍ତା ଭାବେ ଖନ୍ତାପଡ଼ା ଅଂଚଳର ସମାଜସେବୀ ଦିଲ୍ଲିପ ଦାସ, ୨ୟ ଦିନରେ ମୁଖ୍ୟଅତିଥି ଭାବେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ପ୍ରମୁଖ ମଂଚାସୀନ ରହି ଉକ୍ତ କ୍ଲବ ୨୧ ବର୍ଷ ଧରି ଏପରି ଖେଳ କରିଆସୁଥିବାରୁ ର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଖେଳ ଖେଳିବାଦ୍ୱାରା ଶରୀର ଅଭିବୃଦ୍ଧି ଘଟିଥାଏ ।ହାର ଜିତ କୁ ଭୁଲି ଖେଳଝ୍ଯାଡ ମନଭାବ ରଖି ଖେଳ ଖେଳିଲେ ଭବିଷ୍ୟତରେ ଜିଲ୍ଲା ,ରାଜ୍ୟ ଓ ରାଜ୍ୟ ବାହାରେ ଖେଳ ଖେଳି ନିଜ ଗ୍ରାମ ଓ ଜିଲ୍ଲାରେ ନାମ ରଖିପାରିବେ ବୋଲି ନିଜ ନିଜର ବକ୍ତବ୍ୟ ରଖିଥିଲେ । କ୍ଲବର ସଭାପତି ମଦନ ମାରାଣ୍ଡି ସଭାପତିତ୍ୱ କରିଥିଲେ। ଏଥିରେ ୨ ଦିନରେ ୧୬ ଟି ଦଳ ଜିଲ୍ଲା ଓ ଜିଲ୍ଲା ବାହାରୁ ଭାଗ ନେଇଥିଲେ । ପ୍ରଥମ ଦିନରେ ପାଞ୍ଜାର କ୍ଲବ ବାଲେଶ୍ୱର ଓ ମିଶାଇଲ୍ ଏଫ୍.ସି.-୧୧ ମଧ୍ୟରେ ଖେଳ ହୋଇ ମିଶାଇଲ ଏଫ.ସି.-୧୧ ସେମିଫାଇନାଲ ଜିତିଥିଲା ।୨ୟ ଦିନରେ ମାୟାବୀର ଏଫ.ସି. ପାଲସା ଓ ମିଶାଇଲ ଏଫ୍.ସି.-୧୧ ମଧ୍ୟ ରେ ଖେଳ ହୋଇ ୪-୩ ଗୋଲ ରେ ମାୟାବୀର ଏଫ୍.ସି. ପାଲସା ପ୍ରଥମ ବିଜୟ ହୋଇଥିଲେ । ପ୍ରଥମ ବିଜେତାଙ୍କୁ ୪୦ ହଜାର ଓ ଦ୍ୱିତୀୟ ବିଜେତାଙ୍କୁ ୩୦ ହଜାର ଅର୍ଥ ରାଶି କ୍ଲବ ପକ୍ଷରୁ ପ୍ରଦାନ କରାଯାଇ ଥିଲା । ଅନ୍ୟ ୨ଦଳଙ୍କୁ ସାନ୍ତନା ମୂଳକ ୭ହଜାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ମୟୂରଭଞ୍ଜ ଜିଲ୍ଲାର ସୁନ୍ଦର ମୋହନ ମାଝୀ ଖେଳକୁ ସୁନ୍ଦର ଭାବେ ତୁଲାଇ ଥିଲେ । ସନ୍ତୋଷ କୁ. ରାଉତ, ରତନ ସ୍ୱାଇଁ, ଦିଲ୍ଲିପ କୁ.ପ୍ରଧାନ, ଗୋପାଲ ହେମରମ ଖେଳକୁ ପରିଚାଳନା କରୁ ଥିଲେ । କ୍ଲବର ସଦସ୍ୟ ପରମେଶ୍ୱର, ସତ୍ୟ ପ୍ରକାଶ, ଚନ୍ଦନ, ଭଗବାନ, ଅନନ୍ତ, ଅଭି, ଗଣେଷ, ଶିବ, ସନ୍ତୋଷ, ରାମଚନ୍ଦ୍ର, ରାମ ରାଜ ଓ ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ । ଉକ୍ତ ଖେଳକୁ ଦେଖିବା ପାଇଁ ହଜାର ହଜାର ଲୋକ ଙ୍କ ସମାଗମ ଦେଖିବାକୁ ମିଳିଥିଲା ।

## କବି ସାମୁଏଲ ଦାନୀଙ୍କ ଇଂରାଜୀ କାବ୍ୟଗ୍ରନ୍ଥର ଭବ୍ୟ ଉନ୍ମୋଚନ



ନୂଆପଡ଼ା/ ଖଡ଼ିଆଳ(ନିପ୍ର): ଖଡ଼ିଆଳ ସ୍ଥିତ ଜାଇକା ରେଷ୍ଟୁରାଂଟ ପରିସରରେ ସାହିତ୍ୟ ପ୍ରେମୀ ଓ ବିଜ୍ଞ ବୁଦ୍ଧିଜୀବୀମାନଙ୍କ ଗହଣରେ କବି ସାମୁଏଲ ଦାନୀଙ୍କ ନୂତନ ଇଂରାଜୀ କବିତା ପୁସ୍ତକ ‘Calligraphy of an Adolescent Night’ ର ଏକ ଆକର୍ଷଣୀୟ ଓ ଭବ୍ୟ ଉନ୍ମୋଚନ ଉତ୍ସବ ସମ୍ପନ୍ନ ହୋଇଯାଇଛି । ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାର ପ୍ରମୁଖ ସାହିତ୍ୟିକ, ଗବେଷକ,କବି, ଲେଖାକ , ଅଧ୍ୟାପକ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ନୂତନ ଗ୍ରନ୍ଥର ସାହିତ୍ୟିକ ଗାମ୍ଭୀର୍ଯ୍ୟ ଉପରେ ବିସ୍ତୃତ ଆଲୋକପାତ କରିବା ସହ କବିଙ୍କର ପୂର୍ବପ୍ରକାଶିତ କୃତିଗୁଡ଼ିକର ସମ୍ୟକ୍ ଆଲୋଚନା କରିଥିଲେ । ଏହି ସାହିତ୍ୟିକ ସମାରୋହରେ ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଆମେରିକାର ସୁନାମଧନ୍ୟ ନେହେରୁ-ଫୁଲବ୍ରାଇଟ ଗବେଷିକା ମେରୀ ଗିରାର୍ଡ ଫିରାବେଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଶିଷ୍ଟ ଗବେଷକ ଡକ୍ଟର ଫଣିନ୍ଦମ୍ ଦେଓ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଏବଂ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ ମୁଖ୍ୟ ସମୀକ୍ଷକ ଭାବେ ଯୋଗଦେଇ ପୁସ୍ତକର କାବ୍ୟିକ ଶୈଳୀ ଓ ନାନ୍ଦନିକ ଦିଗ ସମ୍ପର୍କରେ ଗଭୀର ବିଶ୍ଳେଷଣ କରିଥିଲେ । ଆଲୋଚନା ପ୍ରସଙ୍ଗରେ ଅତିଥିମାନେ ମତ ପ୍ରକାଶ କରିଥିଲେ ଯେ, ‘Calligraphy of an Adolescent Night’ ଗ୍ରନ୍ଥରେ ସର୍ବହରାର ପ୍ରେମ କବିତାଗୁଡ଼ିକ ଏକ ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦ, ସମ୍ଭାବନା ଓ ନୂତନ ଦୃଷ୍ଟିକୋଣ ବହନ କରିଛି । କବି ନିଜର ଶାଣିତ ଶବ୍ଦ ସଂଯୋଜନା ଦ୍ୱାରା ଅନୁଭୂତି ଓ ଚେତନାକୁ ମନୋଜ୍ଞ ଭାବେ ରୂପାୟିତ କରିପାରିଛନ୍ତି । ଏହି ଉନ୍ମୋଚନୀ ସନ୍ଧ୍ୟାରେ ଡକ୍ଟର ସୁଶାନ୍ତ ବିଶି, ଶଶୀ ଭୂଷଣ ଖମାରୀ, ସବିତା ଚାଟାର୍ଜୀ, ନିଳୀମା ରାଣୀ ସାଗର, ରାଜଶ୍ରୀ ଦଣ୍ଡସେନା, ଅଶ୍ୱିନୀ ପାଢ଼ୀ, ଶଙ୍କର ମେହେର, ଡକ୍ଟର ପଦ୍ମଲୋଚନ ବର୍ମା, ମନ୍ଟୁ ଠାକୁର, ଡକ୍ଟର ମଧୁଲିକା ପାଲ, ଇଞ୍ଜିନିୟର ଅଭିଜିତ୍ ପାଲ, ବୁଲୁ ନନ୍ଦଙ୍କ ସମେତ ଅଂଚଳର ବହୁ ବିଦଗ୍ଧ କବି, ଲେଖକ ଓ ସାହିତ୍ୟପ୍ରେମୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଅଧ୍ୟାପକ ସିଡୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶଙ୍କର ମେହେର ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମଟି ଅତ୍ୟନ୍ତ ଉତ୍ସାହଜନକ ଓ ସାହିତ୍ୟମୟ ପରିବେଶ ମଧ୍ୟରେ ଶେଷ ହୋଇଥିଲା ।

## ଗାଡ଼ି ମୋଟର ଯାଂଚ କରି ଜରିମାନା ଆଦାୟ

ସୋର(ନିପ୍ର) : ସୋରରେ ବାଲେଶ୍ୱର ଜିଲ୍ଲା ଆଂଚଳିକ ପରିବହନ ବିଭାଗ ପକ୍ଷରୁ ଗାଡି ମୋଟର ଯାଂଚ କରି ଫାଇନ ଆଦାୟ କରିଥିବା ଜଣାପଡିଛି । ବାଲେଶ୍ୱର ଟ୍ରାଫିକ ଇନସ୍ପେକ୍ଟର ସମରେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚାରୋଟି ଗାଡିରୁ ୧୧ ହଜାର ଟଙ୍କା ଫାଇନ ଆଦାୟ କରିଥିଲେ । ଏଥି ସହିତ ପୌର ପାଳିକାରେ ଥିବା ବିଭିନ୍ନ ଘରୋଇ ସ୍କୁଲ ଗାଡିର କାଗଜପତ୍ର ଯାଂଚ କରିଥିଲେ । ସ୍କୁଲ ଗାଡି ଗୁଡିକର କାଗଜପତ୍ର ଠିକ ଥିବା ଇନସ୍ପେକ୍ଟର ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।





# କିର୍ମିରା ବ୍ଲକରେ ରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କ ଶିଳାନ୍ୟାସ



ଝାରସୁଗୁଡା (ନି.ପ୍ର.) : ଝାରସୁଗୁଡ଼ା ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କିର୍ମିରା ବ୍ଲକ ଅନ୍ତର୍ଗତ ପିଡବୁଡ଼ି ରାସ୍ତାରୁ ମହାଲିଙ୍ଗ ପଡା, ପିଡବୁଢ଼ି ରାସ୍ତାରୁ ରକ୍ସାପଡା ଏବଂ ପିଡବୁଢ଼ି ରାସ୍ତାରୁ ହଣ୍ଡାତପା ପର୍ଯ୍ୟନ୍ତ ପ୍ରାୟ ଅଢେଇ କୋଟି ଟଙ୍କା ର ରାସ୍ତା ନିର୍ମାଣ ପାଇଁ ବିଧାୟକ ଟଙ୍କଧର ତ୍ରିପାଠୀ ଶନିବାର ପୂଜାର୍ଚ୍ଚନା ସହ ଶିଳାନ୍ୟାସ ଦେଇଛନ୍ତି କ୍ଷ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମହାଲିଙ୍ଗ ପଡା ରାସ୍ତା ପାଇଁ ୪୦.୮ ଲକ୍ଷ ଟଙ୍କା, ରକ୍ସାପଡା ରାସ୍ତା ପାଇଁ ୧ କୋଟି ୮ ଲକ୍ଷ ଟଙ୍କା ଏବଂ ହଣ୍ଡାତପା ରାସ୍ତା ନିର୍ମାଣ ପାଇଁ ୧ କୋଟିରୁ ଉର୍ଦ୍ଧ ଟଙ୍କା ମଂଜୁର କରାଯାଇଛି ଓ ଏହି ରାସ୍ତା ନିର୍ମାଣ ପାଇଁ ବହୁ ବର୍ଷରୁ ଗ୍ରାମବାସୀ ଦାବୀ କରି ଆସୁଥିଲେ । ବର୍ତମାନ ରାସ୍ତା ର ନିର୍ମାଣ ସରିଲେ ଜନସାଧାରଣ ସୁବିଧାରେ ନିଜ ନିଜ ଗ୍ରାମକୁ ଯାତାୟାତ କରିପାରିବେ ବୋଲି ବିଧାୟକ ଶ୍ରୀ ତ୍ରିପାଠୀ ଘୋଷଣା କରିଛନ୍ତି ଓ ଏହାସହ ଏହି ରାସ୍ତା ନିର୍ମାଣ ଫଳରେ ଅଂଚଳରେ ରହୁଥିବା ଜନସାଧାରଣ ଙ୍କ ଆର୍ଥିକ ଉନ୍ନତି ହେବା ସହ ଗମନା ଗମନ ର ସୁବିଧା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ ଓ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ବିଧାୟକ ଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ଲେଙ୍କା, ବିଜେପି ମଣ୍ଡଳ ସଭାପତି ଉଦ୍ଧବ ସିଂ ନାୟକ, ଝସକେତନ ପ୍ରଧାନ, ବିଜୟ ଶର୍ମା ପ୍ରମୁଖଙ୍କ ସମେତ ବହୁସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ଧାମନଗରରେ ଦୁଇ ମଣ୍ଡପ ନିର୍ମାଣ ବ୍ୟୟକୁ ନେଇ ଚର୍ଚ୍ଚା !



ଧାମନଗର,(ନି.ପ୍ର.): ମୂଳ ଚୁକ୍ତିମୂଲ୍ୟଠାରୁ ପ୍ରାୟ ୩୦ ପ୍ରତିଶତ ଅଧିକ ବ୍ୟୟ! ଧାମନଗର ବ୍ଲକର ଜୟନଗର ଓ ଦକ୍ଷିଣାବାଡ଼ଠାରେ ନିର୍ମାଣାଧୀନ ଦୁଇଟି ମଲ୍ଟିପରପଜ୍ ହଲ୍ ?ର ସଂଶୋଧିତ ଆକଳନକୁ ନେଇ ଏବେ ଗୁରୁତ୍ୱ ବଢ଼ିଛି । ଉଭୟ ପ୍ରକଳ୍ପର ମୂଳ ଚୁକ୍ତିମୂଲ୍ୟ ୪ କୋଟି ୫୪ ଲକ୍ଷ ୩୯ ହଜାର ୬୩୧ ଟଙ୍କା ଥିବାବେଳେ ଏହାର ସଂଶୋଧିତ ଆକଳନ ୫ କୋଟି ୯୨ ଲକ୍ଷ ୨୩ ହଜାର ୪୬୧ ଟଙ୍କାକୁ ବୃଦ୍ଧି କରାଯାଇଛି । ଅର୍ଥାତ୍ ମୂଳ ଚୁକ୍ତି ମୂଲ୍ୟଠାରୁ ୧ କୋଟି ୩୭ ଲକ୍ଷ ୮୩ ହଜାର ୮୩୦ ଟଙ୍କାର ଅଧିକ ବ୍ୟୟ ପ୍ରସ୍ତାବ ରହିଛି । ଏହି ଅତିରିକ୍ତ ବ୍ୟୟ ମୂଳ ଚୁକ୍ତି ମୂଲ୍ୟର ୩୦.୩୩୪ ପ୍ରତିଶତ । ବାଲେଶ୍ୱର ଗ୍ରାମ୍ୟ ଉନ୍ନୟନ ବୃତର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଏହି ସଂଶୋଧିତ ଆକଳନକୁ ଅନୁମୋଦନ ନିମନ୍ତେ ଭୁବନେଶ୍ୱରସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ (ଭବନ ଓ ସେତୁ)ଙ୍କ ନିକଟକୁ ସୁପାରିଶ କରିଛନ୍ତି ।ଜୟନଗର ଠାରେ ୫୦୦ ଆସନ ବିଶିଷ୍ଟ ଏବଂ ଦକ୍ଷିଣାବାଡ ଠାରେ ୩୦୦ ଆସନ ବିଶିଷ୍ଟ ମଲ୍ଟିପରପଜ ହଲ୍ ନିର୍ମାଣ ଚାଲିଛି । ଏହି ଦୁଇଟି ମଣ୍ଡପ ସ୍ଥାନୀୟ ଅଂଚଳର ସାମାଜିକ, ସାଂସ୍କୃତିକ ଓ ସାଧାରଣ କାର୍ଯ୍ୟକ୍ରମ ପାଇଁ ଉପଯୋଗୀ ହେବାର ଆଶା ରହିଛି । ତେବେ ପ୍ରକଳ୍ପ ଦୁଇଟିର ଆକଳନ ମୂଲ୍ୟରେ ଏତେ ପରିମାଣର ବୃଦ୍ଧି ହେବା ପଛରେ କେଉଁ କାରଣ ରହିଛି, ତାହା ଜାଣିବା ଏବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ।ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀଙ୍କ ପତ୍ର ସଂଖ୍ୟା ୩୬୮୩, ତାରିଖ ୨୫ ଜୁନ୍ ୨୦୨୬କୁ ଆଧାର କରି ଅକ୍ଟୋବର ୬ ତାରିଖରେ ଏହି ସୁପାରିଶ କରାଯାଇଛି । ତେବେ ସଂଶୋଧିତ ଆକଳନକୁ ଚୂଡ଼ାନ୍ତ ଅନୁମୋଦନ ମିଳିଛି କି ନାହିଁ, ସେ ସମ୍ପର୍କରେ ଉପଲବ୍ଧ ପତ୍ରରେ ସ୍ପଷ୍ଟ ତଥ୍ୟ ନାହିଁ । ମୂଳ ପ୍ରଶ୍ନ ହେଉଛି— ଅତିରିକ୍ତ ୧.୩୭ କୋଟି ଟଙ୍କାର ବ୍ୟୟ କେଉଁ କାରଣରୁ ଆବଶ୍ୟକ ହେଲା ? ନିର୍ମାଣ କାର୍ଯ୍ୟରେ କେଉଁ ଅତିରିକ୍ତ କାମ ଅନ୍ତର୍ଭୁକ୍ତ ହୋଇଛି ? ଏହି ବ୍ୟୟବୃଦ୍ଧି ର ବୈଷୟିକ ଓ ପ୍ରଶାସନିକ ଆଧାର କ'ଣ? ଏସବୁ ପ୍ରଶ୍ନର ଉତର ବିଭାଗୀୟ ସ୍ପଷ୍ଟୀକରଣ ପରେ ହିଁ ମିଳିପାରିବ । ତେଣୁ ସଂଶୋଧିତ ଆକଳନ ର କାରଣ, ଅନୁମୋଦନ ସ୍ଥିତି ଓ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିବା ଆବଶ୍ୟକ । ଏ ଦିଗରେ ନୂଆ ଦାଇତ୍ୱ ରେ ଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି ଯେ ମୁଁ ନୂଆ କରି ଦାଇତ୍ୱ ନେଇଚି ମୋ ଉପରିସ୍ଥ ଅଧିକାରି ଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି ।

# ଗାଁ ରାସ୍ତାରେ ମଦ ଦୋକାନ ପାଖରେ ମହିଳାଙ୍କ ରଣହୁଙ୍କାର: ୨୫ ଦିନ ଧରି ଧାରଣା

ଭୁବନେଶ୍ୱର: ଅଠରନଳା ପାଟଣା ଗ୍ରାମରେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ କରି ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଦୀର୍ଘ ୨୫ ଦିନ ଧରି ଧାରଣାରେ ବସିଛନ୍ତି ।ଏଥିରେ ନା ପ୍ରଶାସନ ହାତ ଭାଙ୍ଗି ବସିଛି, ନିଜେ ସରକାର କହୁଛନ୍ତି ମଦ ଦୋକାନ ସମଗ୍ର ଓଡିଶା ରେ ବନ୍ଦ ରହିବ , ଏପଟେ ଗାଁ ମଝିରେ ମଦ ଦୋକାନ ,ମଦ ଦୋକାନ ହଟାଇବା ଦାବିରେ ଗାଁକୁ ଯାଉଥିବା ରାସ୍ତାରେ ମହିଳାମାନେ ପୁରୀଗାଁ ମଝିରେ ମଦ ଦୋକାନ ଖୋଲିବାକୁ ନେଇ ତୀବ୍ର ନିନ୍ଦା ହୋଇଛି ,ମହିଳାଙ୍କ ପ୍ରତିବାଦ ପୁରୀ ଜିଲ୍ଲା ପ୍ରତିବାଦ କରିବା ସହ ପ୍ରଶାସନ ତୁରନ୍ତ ଶୁଣନ୍ତୁ ବୋଲି କୁହା ଯାଉଛି ।ସେମାନେ ଗତ ୨୧ ଜୁଲାଇରୁ ଜିଲ୍ଲାପାଳ ପୁଲିସ ଅଧୀକ୍ଷକ, ଅବକାରୀ ସମେତ ସରକାରଙ୍କ ସମ୍ପୃକ୍ତ ଲିଖତ ଭାବେ ଜଣାଇଆସୁଛନ୍ତି । ଏହାସହ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଓ ରାସ୍ତାରୋକ ମାଧ୍ୟମରେ ମଧ ଦାବି ଜଣାଇଥିବା ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗାଁ ମଧରେ ମଦ ଦୋକାନ ଖୋଲିବା ନେଇ ସେମାନେ କହିଛନ୍ତି । ଆନ୍ଦୋଳନକାରୀଙ୍କ ଦାବି ଅନୁସାରେ, ପ୍ରସ୍ତାବିତ ମଦ ଦୋକାନ ମୁଖ୍ୟ ରାସ୍ତାଠାରୁ ମାତ୍ର ପ୍ରାୟ ୫ ଫୁଟ ଦୂରରେ ରହିଛି । ଦୋକାନଠାରୁ ପ୍ରାୟ ୩୦୦ ମିଟର ଦୂରରେ ଅଙ୍ଗନବାଡ଼ି ଓ ପ୍ରାଥମିକ ବିଦ୍ୟାଳୟ, ୧୫୦ ମିଟରରେ ଶିବ ମନ୍ଦିର, ୮୦ ମିଟରରେ ମା' ବାସନ୍ତେଇ ମନ୍ଦିର, ୫୦ ମିଟରରେ କାଳିକା ଦେବୀ ମନ୍ଦିର ଓ ଆଦିବାସୀ ବସ୍ତି, ୧୦୦ ମିଟରରେ ହରିଜନ ବସ୍ତି ଓ ଗ୍ରାମ ପୋଖରୀ ରହିଥ ?ବା ଗ୍ରାମବାସୀ ଦାବି କରିଛନ୍ତି । ଅବକାରୀ ନୀତି ଅନୁଯାୟୀ ଆବଶ୍ୟକ ପ୍ରକ୍ରିୟା ପାଳନ କରାଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରସ୍ତାବିତ ଦୋକାନ ସମ୍ପର୍କରେ ଗ୍ରାମ ପଂଚାୟତର ସରପଂଚଙ୍କୁ ପ୍ରାଥମିକ ସୂଚନା ଦିଆଯାଇନଥିବା ଏବଂ , ଗ୍ରାମବାସୀଙ୍କୁ ମାଇକ୍ ଯୋଗେ ସୂଚନା ଅଧୀକ୍ଷକଙ୍କ ଦିଆଯାଇନଥିବା ସେମାନେ ନେ କହିଛନ୍ତି । କର୍ତୃପକ୍ଷଙ୍କୁ ଏନେଇ ସରପଂଚ ମଧ ଜିଲ୍ଲାପାଳଙ୍କୁ ବାଦପତ୍ର ଦେଇଥିବା ନାବି କରାଯାଇଛି । ଅନ୍ୟପକ୍ଷରେ, ଗ୍ରାମବାସୀଙ୍କ କହିବାନୁଯାୟୀ, ୨୦ ଅଗଷ୍ଟ ୨୦୨୬ରେ ଜିଲ୍ଲାପାଳଙ୍କ ଚିଠି ନମ୍ବର ୧୫୪୭ ମାଧମରେ ସମ୍ପୃକ୍ତ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନିମନ୍ତେ ଆଦେଶ ଦିଆଯାଇଥିଲା । ପରେ ସମ୍ପୃକ୍ତ ଦୋକାନୀ ଉଚ୍ଚ ନ୍ୟାୟାଳୟ ଯର ଆଶ୍ରୟ ନେଇଥିବାରୁ ଦୋକାନ ପୁନଃ ପୁନଃ ଖୋଲିବା ପ୍ରକ୍ରିୟା ନେଇ ବିବାଦ ଦେଖା ଖାଦେଇଥିବା ଗ୍ରାମବାସୀ କହିଛନ୍ତି । ଧାରଣାରେ ବସିଥିବା ମହିଳାମାନଙ୍କୁ କେତେକ ଅସାମାଜିକ ବ୍ୟକ୍ତି ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ ଉଦ୍ୟମ କରିଥିବା ଆନ୍ଦୋଳନକାରୀ ମାନେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଗ୍ରାମରେ ଆଇନଶୃଙ୍ଖଳା ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଥିବା ସେମାନେ କହିଛନ୍ତି । ମଦ ଦୋକାନ ସ୍ଥାନାନ୍ତର ସମ୍ପର୍କରେ ପ୍ରଶାସନ ତୁରନ୍ତ ସ୍ପଷ୍ଟ ପଦକ୍ଷେପ ନେବା, ମହିଳା ଆନ୍ଦୋଳନକାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ରିବା ଏବଂ ଗ୍ରାମବାସୀଙ୍କ ଅଭିଯୋଗର ଆଇନସମ୍ମତ ସମାଧାନ କରିବାକୁ ଦାବି ହୋଇଛି ହାଇଛି । ତୁରନ୍ତ ଦାବି ପୂରଣ ନହେଲେ ଆନ୍ଦୋଳନ ଆହୁରି ତୀବ୍ର ଚରମ ସୀମା ରେ ହେବ ବୋଲି ଚେତାବନୀ ଦେଇଛନ୍ତି ।

# କଲେଜ ଛକ ହର-ପାର୍ବତୀ ପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ବାରିପଦା, (ନି.ପ୍ର.) କଲେଜ ଛକ ହର-ପାର୍ବତୀ ପୂଜା କମିଟି ଚଳିତ ବର୍ଷ ୫୦ ବର୍ଷରେ ପଦାର୍ପଣ କରିଛି । ଏହି ଅବସରରେ କମିଟି ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳନ କରାଯାଉଛି । ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।ଅଷ୍ଟମୀ ଓ ନବମୀ ତିଥିରେ ସନ୍ଧ୍ୟା ସମୟରେ ଭକ୍ତମାନଙ୍କ ପାଇଁ ପ୍ରସାଦ ବଂଟନ କରାଯିବ । ସେହିପରି ଆସନ୍ତା ୨୨ ତାରିଖ ସନ୍ଧ୍ୟାରେ ଛଉ ପଡ଼ିଆଠାରେ ଇଣ୍ଡିଆନ୍ ଆଇଡଲ୍ ବିଜୟିନୀ ଜ୍ୟୋତିର୍ମୟୀ ନାୟକଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏହି କାର୍ଯ୍ୟକ୍ରମ ପୂଜା ଉତ୍ସବର ମୁଖ୍ୟ ଆକର୍ଷଣ ହେବ ବୋଲି ଆଶା କରାଯାଉଛି ।ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସଫଳ କରିବା ପାଇଁ କମିଟିର ସଭାପତି ଗୋପାଳ ପାତ୍ର, ଓ ସାଧାରଣ ସମ୍ପାଦକ ସନ୍ଦୀପ କୁମାର ପତି ଏବଂ ଉପଦେଷ୍ଟାକ୍ଷ ସଞ୍ଜୟ ଅଗ୍ରୱାଲ ଓ ସଞ୍ଜୟ ପଟ୍ଟନାୟକ ସମେତ ସମସ୍ତ ସଦସ୍ୟ ସମସ୍ତଙ୍କ ସହଯୋଗ କାମନା କରିବା ସହ ଅଭିନନ୍ଦନ ଜଣାଇଛନ୍ତି ।



# ଆରମ୍ଭ ଫୁଟବଲ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ବାରିପଦା - (ନି.ପ୍ର.)ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଟାଟା ଟ୍ରଷ୍ଟସ୍ ?ର ସହଯୋଗରେ ଆୟୋଜିତ 'ଆରମ୍ଭ ଫୁଟବଲ୍ ଟୁର୍ଣ୍ଣାମେଂଟ' ବାରିପଦା ଷ୍ଟାଡିୟମ୍ ?ରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ ୧୦ଟି ବାଳକ ଦଳ ଓ ୩ଟି ବାଳିକା ଦଳର ପ୍ରାୟ ୨୫୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ବାଳକ ବିଭାଗରେ ନିଚୁଆପଦା ଚାମ୍ପିଅନ୍ ଓ ଭୁରୁଡୁବଣୀ ରନର୍ସଅପ୍ ହୋଇଥିବାବେଳେ ବାଳିକା ବିଭାଗରେ ମସିଣାକାଟି ଦେଉଳି ଚାମ୍ପିଅନ୍ ଓ ଦେବେନ୍ଦ୍ରପୁର ରନର୍ସଅପ୍ ହୋଇଥିଲା ଓ ଉଦ୍ ?ଘାଟନୀ କାର୍ଯ୍ୟକ୍ରମରେ ସଂସ୍ଥାର ନିର୍ଦ୍ଦେଶକ ଅମର କୁମାର ସେଠୀ, ସଂସ୍ଥାର ପରାମର୍ଶଦାତା ସୋମନାଥ ସିଂହ ଏବଂ ଅନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ସନ୍ଧ୍ୟାରାଣୀ ଟୁଡୁ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ଓ ଟୁର୍ଣ୍ଣାମେଂଟର ସଫଳ ଆୟୋଜନରେ ମୟୂରଭଞ୍ଜ ଜିଲ୍ଲା ଆଥଲେଟିକ୍




ଆସୋସିଏସନ୍ ?ର ସହଯୋଗ ପାଇଁ ଫ୍ୟୁଚର ଷ୍ଟାର ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି । କେବଳ ଫୁଟବଲ୍ ନୁହେଁ, ପିଲାମାନଙ୍କ ଆଗ୍ରହ ଅନୁଯାୟୀ ଆଗାମୀ ଦିନରେ ଖୋ-ଖୋ, କବାଡ଼ି ଓ ରଗ୍ ?ବୀ ଭଳି ଅନ୍ୟାନ୍ୟ କ୍ରୀଡ଼ାକୁ ମଧ ଏହି ପ୍ରକଳ୍ପରେ ସାମିଲ କରାଯାଇ ପାରଦର୍ଶୀ କରାଯିବ ବୋଲି ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ସୂଚନା ଦେଇଛନ୍ତି । ଏହି ପ୍ରାରମ୍ଭିକ ଟୁର୍ଣ୍ଣାମେଂଟ ପରେ ଭବିଷ୍ୟତରେ ଅନ୍ୟାନ୍ୟ କ୍ରୀଡ଼ାର ବ୍ୟାପକ ଉନ୍ନତି ଆଣିବାକୁ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି । ଗ୍ରାମାଂଚଳର ଉଦୀୟମାନ ଖେଳାଳିଙ୍କ ସ୍ୱପ୍ନ, ସଂଘର୍ଷ ଓ ଆତ୍ମବିଶ୍ୱାସର ଏକ ସୁନ୍ଦର ମଂଚ ଥିଲା । ପଡ଼ିଆରେ ଖେଳାଳିଙ୍କ ଉତ୍ସାହ, ଦଳଗତ ଏକତା ଓ ଜିତିବାର ଜୋଶ ଏହି ଆୟୋଜନକୁ ସ୍ମରଣୀୟ କରିଥିଲା । ଆଗାମୀ ଦିନରେ ଏହି ଛୋଟ ଛୋଟ ପଦକ୍ଷେପ ମୟୂରଭଞ୍ଜରୁ ନୂଆ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ସହ ଅନେକ ଯୁବକଯୁବତୀଙ୍କୁ ନିଜ ସ୍ୱପ୍ନ ପୂରଣ କରିବାର ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ ପାଇଛି । ଏହି ମହତ୍ ଉଦ୍ୟମକୁ ସଫଳ କରିଥିବା ସମସ୍ତ ଅତିଥି, ପ୍ରଶିକ୍ଷକ, ମାଷ୍ଟର ଟ୍ରେନର, କର୍ମଚାରୀ ଓ ସହଯୋଗୀଙ୍କୁ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି ।

# ଶ୍ରୀବଳଦେବଜୀଉ ପାଲା ମଣ୍ଡଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, :କେନ୍ଦ୍ରାପଡ଼ାର ଶ୍ରୀ ସିଦ୍ଧ ବଳଦେବଜୀଉ ପାଲା ମଣ୍ଡଳ ପକ୍ଷରୁ ଗାୟକ ଭୂଷଣ ସ୍ୱର୍ଗତ ଗୋପବନ୍ଧୁ ନାଥଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା ଦୁହୁରିଆ ଯଜ୍ଞେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପଦେଷ୍ଟା ଗାୟକ ଚିନ୍ମୟ ଦାଶ ସଭାପତିତ୍ୱ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ଗାୟକ ଶୁଶାନ୍ତ କୁମାର ମଲ୍ଲିକ, ଗାୟକ ସୁବାଷ ଚନ୍ଦ୍ର ଶତପଥି,ଗାୟକ ପ୍ରକୃତିବନ୍ଧୁ ଗଗନ ବିହାରୀ ସିଂହ, ଗାୟକ ଆକାଶବାଣୀ ଶିଳ୍ପୀ କ୍ଷୀରୋଦ କୁମାର ନାଥ, ଗାୟକ ଦଶରଥ ରାଉତ, ବାୟକ ବାନାମ୍ବର ଦାସ, ସୁଦର୍ଶନ ମଲ୍ଲିକ, ସଂଗୀତ ଶାରଦା ପ୍ରସନ ନାଥ, ଗଙ୍ଗାଧର ବାରିକ, କୁଳମଣି ନାୟକ, ଅକ୍ଷୟ କୁମାର ସ୍ୱାଇଁ, ଶଙ୍କର ନାଥ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାଥଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗାୟକ ରମାକାନ୍ତ ପଣ୍ଡା ବେଦପାଠ କରିଥିଲେ । ଏହାପରେ ଗାୟକ ଭୂଷଣଙ୍କ ସ୍ୱ ଲିଖିତ ପୁସ୍ତକ ରୁ ସଂଗୀତ ପରିବେଷଣ କରାଯାଇଥିଲା । କଣ୍ଠଶିଳ୍ପୀ ଗୁରୁ ବସନ୍ତ କୁମାର ପତି, ମହେଶ୍ୱର ମଣ୍ଡଳ, କେଶବ ମହାରଣା, ତବଲା ବାଦକ ଭକ୍ତି ରଞ୍ଜନ ପ୍ରଧାନ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ । ଗାୟକ ଶ୍ରୀଧର କୁମାର ସାହୁ କଣ୍ଠ ଶିଳ୍ପୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଣ୍ଡିଆନ୍ ସିଟିଜେନ୍ସ ପାର୍ଟି ଲିଗାଲ୍ ସେଲ୍‌ର ଶାରଦୀୟ ବନ୍ଧୁ ମିଳନ




କଟକ: (ନି ପ୍ର) ଇଣ୍ଡିଆନ୍ ସିଟିଜେନ୍ସ ପାର୍ଟି ଲିଗାଲ୍ ସେଲ୍ ?ର ଶାରଦୀୟ ଆଇନଜୀବୀ ବନ୍ଧୁ ମିଳନ କଟକ ସିଡିଏସ୍ଥିତ ନଳିନୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁ ମିଳନ ଉପଲକ୍ଷେ ଇଣ୍ଡିଆନ୍ ସିଟିଜେନ୍ସ ପାର୍ଟି ଲିଗାଲ ସେଲର ସଭାପତି ଶ୍ରୀ ରମେଶ ଚନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆଇନଜୀବୀ ଭାଇ ଓ ଭଉଣୀମାନଙ୍କ ସମେତ ସମସ୍ତ ଓଡ଼ିଶାବାସୀଙ୍କୁ ଶାରଦୀୟ ଅଭିନନ୍ଦନ ଜଣାଯାଇଥିଲା । ମା' ଦୁର୍ଗାଙ୍କ ଶକ୍ତି ନେଇ ମହିଷାସୁର ରୂପୀ ଅନ୍ୟାୟ, ଅତ୍ୟାଚାର, ଭ୍ରଷ୍ଟାଚାର ଓ ଦୁର୍ନୀତିକୁ ମୂଳପୋଛ କରିବା ପାଇଁ ଆଇନଜୀବୀମାନେ ଆହ୍ୱାନ ଦେଇଥିଲେ । ଆଡଭୋକେଟ୍ କିରଣ ରାଉତ, ସୁକାନ୍ତ କୁମାର ଶ୍ରୀଚନ୍ଦନ, ସଞ୍ଜୁକ୍ତା ମହାନ୍ତି,ମାନସୀ ମହାରଣା,ସବିତା ବେହେରା,ସରସ୍ୱତୀ ଦେବୀ,ହରିପ୍ରିୟା ସାହୁ,ମିଳନ ବେହେରା,ହେମନ୍ତ କୁମାର ମହାପାତ୍ର,ସରସ୍ୱତୀ ସେନାପତି,ଟୁକୁନା ମିଶ୍ର,ସୟଦ ଫଜଲ ଅହମଦ,ସୟଦ ଫିରୋଜ ଅହମଦ,ଗଣେଶ୍ୱର ବେହେରା,ନିରଞ୍ଜନ ଦାସ,ଅସିତ କୁମାର ଜେନା,କିଶୋର ଚନ୍ଦ୍ର ସ୍ୱାଇଁ,ସଞ୍ଜୋଜା କୁମାର ସାମନ୍ତରାୟ,ଭିକାରୀ ଚରଣ ପ୍ରଧାନ,ଅରୁଣ କୁମାର ବେହେରା,କାମିନୀ କାନ୍ତ ମହାନ୍ତି,ଅକ୍ଷୟ ନାଏକ,ବିଜୟ କୁମାର ପଣ୍ଡା ,ଚିତରଞ୍ଜନ ଦାସ,ସତ୍ୟବ୍ରତ ମହାନ୍ତି,ପୂର୍ଣ୍ଣିମା ଭଗତ,ସୁକାନ୍ତ ଶ୍ରୀଚନ୍ଦନ,ଶର୍ମିଷ୍ଠା ନାଏକ,କପିଳ ଚରଣ ନାଏକ,ଅର୍ପିତା ପଟ୍ଟନାୟକ,ରବୀନ୍ଦ୍ର ପଟ୍ଟନାୟକ,ଅରୁଣା ଦାସନିରଞ୍ଜନ ମହାରଣା,ମୀନା କୁମାରୀ ଦାସ ପ୍ରମୁଖ ଆଇନଜୀବୀ ଭାଇ ଓ ଭଉଣୀମାନଙ୍କ ସମେତ ସମସ୍ତ ଓଡ଼ିଶାବାସୀଙ୍କୁ ଶାରଦୀୟ ଅଭିନନ୍ଦନ ଜଣାଇବା ସହ ମା' ଦୁର୍ଗାଙ୍କ ଶକ୍ତି ନେଇ ମହିଷାସୁର ରୂପୀ ଅନ୍ୟାୟ, ଅତ୍ୟାଚାର, ଭ୍ରଷ୍ଟାଚାର ଓ ଦୁର୍ନୀତିକୁ ମୂଳପୋଛ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ଧାମନଗରରେ ମହାସମାରୋହରେ ଆରମ୍ଭ ହେଲା ଶାରଦୀୟ ଦୁର୍ଗାପୂଜା



ଧାମନଗର, (ନି.ପ୍ର.) : ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ଚଳଚଂଚଳ ହୋଇଉଠିଛି ଶାରଦୀୟ ଦୁର୍ଗାପୂଜାର ମାହୋଲ ଓ ଉତ୍ସବ ମୁଖର ହୋଇ ଉଠିଛ । ପୂଜାମଣ୍ଡପ ଗୁଡ଼ିକରେ ଘଟ ସ୍ଥାପନ କରାଯାଇ ଯଥାରୀତିନୀତି ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଛି । ?ବ୍ଲକର କଲ୍ୟାଣୀନଗର, ଦୋବଲ ବଜାର, କରଦା ପଂଚାୟତର ଖରାଖାଇ, ଅଲିନଗର, ନଦୀଗାଁ, ଅସୁରାଳୀ, ଧୁଷୁରୀ ଏବଂ ଆନନ୍ଦପୁର ପଂଚାୟତ ଉତେଇପୁର ଆଦି ବିଭିନ୍ନ ସ୍ଥାନରେ ମା'ଙ୍କ ଆକର୍ଷଣୀୟ ମୃଣ୍ମୟୀ ମୂର୍ତି ନିର୍ମାଣ କରାଯାଇ ଭକ୍ତିଭାବର ସହ ପୂଜା ଚାଲିଛି । କଲ୍ୟାଣୀନଗରରେ ଦୀର୍ଘ ବର୍ଷ ଧରି ବଙ୍ଗୀୟ ରୀତିନୀତି ଅନୁସାରେ ମା'ଙ୍କୁ ପୂଜା କରାଯାଉଛି । ବିଶେଷକରି ମହାଷ୍ଟମୀ ଦିନ ଅନୁଷ୍ଠିତ ହେଉଥିବା ସାମୂହିକ ଝୁଣାଜଳା ଏବଂ କଖାରୁ ବଳି ପରମ୍ପରା ସମଗ୍ର ଅଂଚଳକୁ ଏକ ପବିତ୍ର ଆଧାତ୍ମିକ ପରିବେଶରେ ଭରିଦିଏ । ସେହିପରି ଖରାଖାଇରେ ମଧ ବହୁ ପୁରାତନ ପରମ୍ପରା ଅନୁସାରେ ପୂଜା ହେଉଥିବାବେଳେ ମଣ୍ଡପରେ କଖାରୁ, ଆଖୁ ଓ କଦଳୀ ବଳି ଚଢ଼ାଇବାର ବିଧି ରହିଛି । ଦୋବଲ ବଜାର ପୂଜା କମିଟି ପକ୍ଷରୁ ମଧ ମା'ଙ୍କ ଉତ୍ସବ ବେଶ୍ ଉତ୍ସାହର ସହ ପାଳିତ ହେଉଛି । ପୂଜାମଣ୍ଡପଗୁଡ଼ିକୁ ମନୋରମ ଓ ଆକର୍ଷଣୀୟ ଆଲୋକ ସାଜସଜାରେ ସଜ୍ଜିତ କରାଯାଇଛି, ଯାହାକି ଶ୍ରଦ୍ଧାଳୁଙ୍କୁ ବେଶ୍ ଆକୃଷ୍ଟ କରୁଛି । ସନ୍ଧ୍ୟାରେ ମା'ଙ୍କ ଆଳତି ଏବଂ ଦର୍ଶନ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ପ୍ରତିଦିନ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ପୂଜାମଣ୍ଡପ ଗୁଡ଼ିକରେ ପରିଲକ୍ଷିତ ହେଉଛି । ବିଭିନ୍ନ ପୂଜା ମଣ୍ଡପ ରେ ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଅଧିକ ଆକର୍ଷଣ କରୁଛି । ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ସଜାଗ ରହିଛନ୍ତି ।ଧାମନଗର ଓ ଦକ୍ଷିଣବାଡ ଠାରେ ମା ଙ୍କ ପୂଜା ବେଶ ଧୁମ୍ ଧାମ ରେ ପାଳିତ ହେଉଛି ।ଆକର୍ଷଣ ତୋରଣ ଓ ମୀନାବଜାର ରେ ଭକ୍ତ ମାନେ ବେଶ୍ ମଜା ନେଉଛନ୍ତି ।

# ବରକନ୍ୟା ଝରଣାକୁ ପ୍ରଶାସନର ଅଣଦେଖା

ନୟାଗଡ (ନି.ପ୍ର.)- ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ଅନ୍ୟତମ ପର୍ଯ୍ୟଟନସ୍ଥଳ ଭାବେ ବରକନ୍ୟା ଝରଣାକୁ ସାମିଲ କରିବାକୁ ରାଜ୍ୟ ସରକାର ସ୍ୱୀକୃତି ଦେଇଛନ୍ତି । ହେଲେ ସାଢେ ୩ବର୍ଷ ହେଲା ନିର୍ମାଣ କାର୍ଯ୍ୟ ଆଗଉ ନଥିବା ବେଳେ ସାଢେ ୪କୋଟି ଟଙ୍କା ଫେରିଯିବା ସ୍ଥିତିରେ ରହିଛି । ବହୁ ବାଦ ବିବାଦ ପରେ ବରକନ୍ୟା ଝରଣାର ବିକାଶ କାର୍ଯ୍ୟ ପାଇଁ ନୟାଗଡ଼ ରେଞ୍ଜରଙ୍କୁ ଦାୟିତ୍ୱ ଦିଆଯାଇଥିଲେ ମଧ ତାହା ଫଳପ୍ରଦ ହୋଇପାରି ନାହିଁ । ଏବେ ବରକନ୍ୟା ଝରଣା ପର୍ଯ୍ୟଟନ ମାନଚିତ୍ରରୁ ଲିଭିଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି ।ସୂଚନା ଅନୁଯାୟୀ, ନୟାଗଡ଼ ବନଖଣ୍ଡ ଅଧୀନ ପଂଚିରିଡ଼ା ବନାଂଚଳର ବାଣପୁର ପଂଚାୟତ ନିହଳପ୍ରସାଦ ନିକଟରେ ବରକନ୍ୟା ଝରଣା ବହି ଯାଇଛି । ଏଠାରେ ବର୍ଷସାରା ପାହାଡ଼ ଉପରୁ ତଳକୁ ପାଣି ପଡିଥାଏ । ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶ ମଧରେ ଝରଣାର କୁଳୁ କୁଳୁ ଶବ୍ଦ ସମସ୍ତଙ୍କୁ ଆକୃଷ୍ଟ କରିଥାଏ । ଏହି ଝରଣାକୁ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରରେ ଯୋଡ଼ିବାକୁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ଏହାପରେ ସାଢେ ୪କୋଟି ଟଙ୍କା ପର୍ଯ୍ୟଟନ କ୍ଷେତ୍ରର ବିକାଶ ଲାଗି ପ୍ରଦାନ କରାଯାଇଛି । ଏହା ବନ ବିଭାଗ ଅଧୀନରେ ଥ ?ବାରୁ ଜଙ୍ଗଲ ବିଭାଗର ସ୍ୱୀକୃତି ମିଳିବା ପରେ ଟେଣ୍ଡର ହୋଇ କାମ ଆରମ୍ଭ ହୋଇଛି । ତେବେ ଏହି ଅର୍ଥକୁ ବାଟବଣା କରିବାକୁ ଯୋଜନା ହୋଇଥିବା ନେଇ ଚର୍ଚ୍ଚା ହୋଇଥିଲା । ବନ ବିଭାଗ କର୍ମଚାରୀଙ୍କୁ ହାତବାରିସି କରି ୧ କୋଟି ଟଙ୍କା ଖର୍ଚ୍ଚ କରାଗଲା । ପରବର୍ତୀ ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ସମନ୍ୱୟ ଅଭାବରୁ କାମ ବନ୍ଦ ହୋଇ ପଡ଼ିରହିଛି । ବରକନ୍ୟା ଝରଣାର ବିକାଶ ପାଇଁ ବନ ବିଭାଗର ଆନ୍ତରିକତା ନଥିବାରୁ କାମ ଅଧପାନ୍ତରିଆ ଅବସ୍ଥାରେ ପଡ଼ିରହିବା ଓ ସବୁ ଅନୁଦାନ ଫେରିଯିବା ନେଇ ଆଶଙ୍କା ଦେଖାଦେଇଥିବାଅଂଚଳବାସୀ ଅଭିଯୋଗ କରିଛନ୍ତି । ତଳୁ ପାହାଡ଼ ଉପରକୁ ଚଢିବାକୁ କେବଳ ପଥରରେ ପାହାଚ ନିର୍ମାଣ କାର୍ଯ୍ୟ ହୋଇଛି । ଏହା ସହିତ ପର୍ଯ୍ୟଟନ କ୍ଷେତ୍ରକୁ ଆସୁଥିବା ଯାତ୍ରୀଙ୍କ ରହିବା ପାଇଁ କାମଆରମ୍ଭକରାଯାଇଛି । ହେଲେ ବିକାଶ ଲାଗି ଅନୁଦାନ ମଞ୍ଜୁରୀ ହୋଇଥିଲେ ହେଁ ତାହା ହେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସେତିକି ନୁହଁ ବରକନ୍ୟା ଝରଣା ବୁଲିବାକୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବା ବେଳେ ଏଠାରେ ରହିବା ପାଇଁ ଘର କିମ୍ବା ସେମିତି କିଛି ସୁବିଧା ନଥିବାରୁ ନିରାଶ ହୋଇ ପର୍ଯ୍ୟଟକ ଫେରୁଛନ୍ତି ।

# ମା' ସମଲେଶ୍ୱରୀଙ୍କ ମହାଗୌରୀ ବେଶ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ

ବରଗଡ଼ : ଶାରଦୀୟ ନବରାତ୍ର ପୂଜା ଅବସରରେ ରବିବାର ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀ ମହାଗୌରୀ ବେଶରେ ଦର୍ଶନ ଦେଇଛନ୍ତି । ଦେବୀଙ୍କୁ ଏହି ବେଶରେ ଦର୍ଶନ ପାଇଁ ସକାଳୁ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଛି । ଭକ୍ତମାନେ ଧୂପ, ଦୀପ ପୁଷ୍ପ ଧରି ମନ୍ଦିରକୁ ଆସିଥିବାବେଳେ ଭକ୍ତମାନଙ୍କ ଦ୍ୱାରା ମାନସିକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଛି । ସ୍ଥାନୀୟ ମା' ଶ୍ୟାମାକାଳୀ ମନ୍ଦିର ସମେତ ଅନ୍ୟ ଶକ୍ତିପୀଠଗୁଡ଼ିକରେ ମଧ ନବରାତ୍ର ପୂଜା ଚାଲିଥିବାବେଳେ ଦେବୀଙ୍କୁ ଦର୍ଶନ ପାଇଁ ସକାଳୁ ଭକ୍ତଙ୍କ ଭିଡ଼ ହୋଇଛି ।



# ଲୋକାୟନ ୨୦୨୬ - ଭାରତୀୟ ନୌସେନା ଜାହାଜ ସୁଦର୍ଶିନୀ ଓମାନର ସଲାଲାହ ପ୍ରସ୍ଥାନ କଲା

ନୂଆଦିଲ୍ଲୀ : ଭାରତୀୟ ନୌସେନାର ତିନି-ମାଷ୍ଟିଆ ସେଲ୍ ତାଲିମ ଜାହାଜ ଆଇଏନଏସ ସୁଦର୍ଶିନୀ ୧୪-୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ତାଙ୍କର ଐତିହାସିକ ଟ୍ରାନ୍ସଓସିଆନିକ ନିୟୋଜନ, ଲୋକାୟନ-୨୦୨୬ ଜାରି ରଖି ଓମାନର ସଲାଲାହ ପ୍ରସ୍ଥାନ କରିଛି । ଏହି ଯାତ୍ରା ଭାରତୀୟ ନୌସେନାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଏବଂ ନୌସେନା ପ୍ରଶିକ୍ଷାର୍ଥୀଙ୍କ ମଧରେ ବୃତିଗତ ନୌଚାଳନା, ସ୍ଥିରତା ଏବଂ ନେତୃତ୍ୱକୁ ପୋଷଣ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ବନ୍ଦର କଲ୍ ସମୟରେ, ବୃତିଗତ ପାରସ୍ପରିକ କ୍ରିୟା ଏବଂ କ୍ରୀଡା ସମ୍ପର୍କ ସୌହାର୍ଦ୍ଦ୍ୟକୁ ବୃଦ୍ଧି କରିଥିଲା ଏବଂ ଭାରତୀୟ ନୌସେନା ଏବଂ ଓମାନର ରୟାଲ ନୌସେନା ମଧରେ ବନ୍ଧୁତାର ବନ୍ଧନକୁ ଆହୁରି ମଜବୁତ କରିଥିଲା, ଯାହା ଲୋକ-ଲୋକ ସମ୍ପର୍କକୁ ଆହୁରି ମଜବୁତ କରିଥିଲା । ଲୋକାୟନ-୨୦୨୬ ଦଶମ ମାସ ଦେଇ ଆଗକୁ ବଢ଼ିବା ସହିତ, ଆଇଏନଏସ ସୁଦର୍ଶିନୀର ଯାତ୍ରା ଭାରତୀୟ ନୌସେନାର ଅନୁସନ୍ଧାନ ମନୋଭାବ, ବୃତିଗତ ଉତ୍କର୍ଷତା ଏବଂ ସାମୁଦ୍ରିକ କୂଟନୀତି ପ୍ରତି ପ୍ରତିବଦ୍ଧତାର ଉଦାହରଣ ।





## ସୁନାବେଶରେ ଦର୍ଶନ ଦେଲେ ମା' ତାରିଣୀ



କେନ୍ଦୁଝର: ଭକ୍ତିମୟ ପରିବେଶରେ ଚଳଚଂଚଳ ହୋଇଉଠିଛି ଘଟଗାଁ ମା' ତାରିଣୀଙ୍କ ପୀଠ । ଆଜି ପୀଠରେ ମହାସପ୍ତମୀ ପୂଜା ଅନୁଷ୍ଠିତ ହେଉଛି । ଏହି ଅବସରରେ ଆଜିଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ମା' ତାରିଣୀ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ମା'ଙ୍କ ଦର୍ଶନ ପାଇଁ ପୀଠରେ ଭକ୍ତଙ୍କ ଭିଡ଼ ଜମୁଥିବା ବେଳେ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ଆୟୋଜନ କରାଯାଇଛି । ସକାଳୁ ପୂଜକମାନେ ମା'ଙ୍କ ମାଜଣା, ବଡ଼ସିଙ୍ଗାର ପୂଜା, ଷୋଡ଼ଶ ଉପଚାର ଓ ମଙ୍ଗଳ ଆଳତୀ ଆଦି ନୀତିକାନ୍ତି ସମ୍ପନ୍ନ କରିଛନ୍ତି । ଘଂଟଘଂଟା ଓ ମାଦଳର ତାଳେ ତାଳେ ମା'ଙ୍କ ମଙ୍ଗଳ ଆଳତୀ ପରିବେଶକୁ ଭକ୍ତିମୟ କରିଛି । ଅନ୍ୟପଟେ ପୀଠରେ ଚଣ୍ଡୀପାଠ ଓ ହୋମଯଜ୍ଞ ଚାଲିଛି । ଆଜି ମହାସପ୍ତମୀ ସାଙ୍ଗକୁ ରବିବାର ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଆଖି ଆଗରେ ରଖି ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯାଇଛି । ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ମା'ଙ୍କ ଦର୍ଶନ କରିପାରିବେ, ସେଥିପାଇଁ ମନ୍ଦିର ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି । ମା' ତାରିଣୀଙ୍କ ପୀଠ ପରିସରରେ ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ମଧ ପୂଜା ପାଉଛନ୍ତି । ଏହାସହ ଭକ୍ତି ସଙ୍ଗୀତ, ଭଜନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଛି । ରାତିରେ ମହିଳା ବାଦିପାଲା ପରିବେଷଣର ମଧ ବ୍ୟବସ୍ଥା ରହିଛି । ମା'ଙ୍କ ସୁନାବେଶ ଦର୍ଶନ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନାକୁ ନେଇ ଘଟଗାଁ ପୀଠରେ ଏବେ ଆଧ୍ୟାତ୍ମିକ ମାହୋଲ ସୃଷ୍ଟି ହୋଇଛି ।

## କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧରେ ସୀମା ବିବାଦ

# ଆନ୍ଧ୍ରର ଉଦ୍ୟମକୁ ପ୍ରତିହତ କରାଯିବ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର : କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧରେ ସୀମା



ବିବାଦ ପୁଣି ତେଜିଛି । କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍‌ର ବିବାଦୀୟ କୋଟିଆ ଅଂଚଳର ୩ ପଂଚାୟତରେ ନିର୍ବାଚନ କରିବା ପାଇଁ ଆନ୍ଧ୍ର ସରକାର ବିଜ୍ଞପ୍ତି ଜାରି କରିଛନ୍ତି । ଏହା ଜାଣିବା ପରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି କୋଟିଆ ଓଡ଼ିଶାର, ଆନ୍ଧ୍ର ଯେଉଁ ଉଦ୍ୟମ କରୁଛି ଏହାକୁ ପ୍ରତିହତ କରିବାକୁ ଆମେ ଚେଷ୍ଟା କରୁଛୁ । ଦକ୍ଷିଣାଂଚଳ ରାଜସ୍ୱ କମିଶନରଙ୍କୁ ନଜର ରଖିବାକୁ କୁହାଯାଇଛି । ଆନ୍ଧ୍ରର ଗତିବିଧି କୁ ଲକ୍ଷ୍ୟ ରଖା ଯାଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି ଯେ, ପୂର୍ବରୁ ସରକାର କୋଟିଆ ବାସୀଙ୍କ ପାଖେ ପହଂଚି ନଥିଲେ ସେତେବେଳେ ଆନ୍ଧ୍ର କୋଟିଆବାସୀଙ୍କ ମାଉସୀ ହେଉଥିଲା । ଏବେ ମା ଆସିଗଲା ମାଉସୀର ଆବଶ୍ୟକତା ନାହିଁ । ୨୮ ତାରିଖ ତାଙ୍କର ନିର୍ବାଚନ ଅଛି । କୋଟିଆ ବାସୀଙ୍କୁ ମଧ ଅନୁରୋଧ କରାଯାଇଛି । ଲୋକେ ଆମ ସହ ଅଛନ୍ତି । ବିରୋଧୀ ଏଲ ପ୍ରସଙ୍ଗରେ ହଟଚମଟ କରୁଛନ୍ତି । କଂଗ୍ରେସ ବିଧାୟକ ଦଳ ନେତା ଓ ବରିଷ୍ଠ ବିଧାୟକଙ୍କୁ ନେଇ ମୁଁ ସେଇଠି ଯାଇଥିଲି । ସେମାନେ ମଧ ଜାଣିଛନ୍ତି ସରକାର କ'ଣ କରୁଛନ୍ତି । ଯିଏ ଅଭିଯୋଗ କରୁଛନ୍ତି ଏହି ଅଭିଯାନରେ ସାମିଲ ହୁଅନ୍ତୁ । ଏହା କେବଳ ସରକାରଙ୍କ କାର୍ଯ୍ୟ ନୁହେଁ । ସବୁ ସୁବିଧା ସୁଯୋଗ କୋଟିଆବାସୀଙ୍କୁ ସରକାର ଯୋଗାଇ ଦେଇଛନ୍ତି । ପୂର୍ବରୁ ସରକାର କୋଟିଆ ବାସୀଙ୍କ ପାଖେ ପହଂଚି ନଥିଲେ ସେତେବେଳେ ଆନ୍ଧ୍ର ମାଉସୀ ହେଉଥିଲା, ଏବେ ମା ଆସିଗଲା ମାଉସୀ ଆବଶ୍ୟକ ନାହିଁ । ସରକାର କୋଟିଆ ପ୍ରସଙ୍ଗରେ ସ୍ପଷ୍ଟ ମତ ରଖିଛନ୍ତି । ଆମେ ପଦକ୍ଷେପ ମଧ ନେଉଛୁ ।

## ବଲିଉଡ୍ ଅଭିନେତା

# ଟାଇଗର ଶ୍ରଫ୍‌ଙ୍କୁ ଗୁଳିମାଡ଼ !

ନୂଆଦିଲ୍ଲୀ : ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କୁ ଗୁଳିମାଡ଼ । ମୁମ୍ବାଇର ଜୁହୁର ପୁଷ୍ପା ପାର୍କ ଅଂଚଳରେ ଗୁଳିମାଡ଼ ହୋଇଥିବା ସୂଚନା ମିଳିଛି । ଏହି ଘଟଣାରେ ଟାଇଗର ଶ୍ରଫ୍‌ଙ୍କ ଡ୍ରାଇଭର ଏବଂ ଜଣେ ସ୍ଥାନୀୟ ଅଟୋ ରିକ୍ସା ଚାଳକ ମଧ ଆହତ ହୋଇଛନ୍ତି । ଘଟଣା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ରିପୋର୍ଟ ମୁତାବକ, ତିନି ଜଣ ଅଜ୍ଞାତ ବ୍ୟକ୍ତି ଏକ ମୋଟରସାଇକେଲରେ



ଆସି ଗୁଳି ଚଳାଇଥିଲେ । ଆକ୍ରମଣ ପଛର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ଉଲ୍ଲେଖଯୋଗ୍ୟ ଯେ, ଗତ ବର୍ଷ ମଧ ଟାଇଗର ଶ୍ରଫ୍‌ଙ୍କୁ ଜୀବନରୁ ମାରିଦେବାକୁ ଧମକ ମିଳିଥିଲା । ପ୍ରାରମ୍ଭିକ ସୂଚନାରେ ଟାଇଗର ଶ୍ରଫଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ନେଇ ମୁମ୍ବାଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଏପରିକି ତାଙ୍କର କୌଣସି କ୍ଷତି ହୋଇନଥିବା ସୂଚନା ମିଳିଛି । ଅନ୍ୟପଟେ ଆହତ ହୋଇଥିବା ତାଙ୍କ ନିକଟତମ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଘଟଣାର ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ଦେଖାଯାଉଛି ଯେ ଟାଇଗରଙ୍କ କାର୍ ତାଙ୍କ ବାସଭବନରୁ ବାହାରିବା ସମୟରେ ସେଠାରେ ପ୍ରଶଂସକଙ୍କ ଭିଡ଼ ଜମିଛି । ଏହାର କିଛି ସମୟ ପରେ ଗୁଳି ଫୁଟିବାର ଶବ୍ଦ ଶୁଣିବାକୁ ମିଳିଥିଲା, ଯାହା ଫଳରେ ସେଠାରେ ଦୌଡ଼ାଦୌଡ଼ି ଓ ଆତଙ୍କ ସୃଷ୍ଟି ହୋଇଥିଲା । ଘଟଣାରେ ଆହତ ହୋଇଥିବା ଲୋକଙ୍କ ଚିତ୍କାର ମଧ ଶୁଣାଯାଉଛି । ଗୁଳିମାଡ଼ର କାରଣ ଏବଂ ଏଥିରେ କିଏ ସମ୍ପୃକ୍ତ, ସେନେଇ ପୋଲିସ ଛାନ୍‌ଭିନ୍ ଜାରି ରଖିଛି । ଏହି ଆକ୍ରମଣ ଖବର ଚଳଚ୍ଚିତ୍ର ଜଗତରେ ଚାଂଚଲ୍ୟ ସୃଷ୍ଟି କରିଛି ।

# ଆନୁଷ୍ଠାନିକ ଭାବେ ଅଭିନୟ ଜଗତରେ ପାଦ ଥାପିଲେ ବରିଷ୍ଠ ଅର୍ଥନୀତିଜ୍ଞ ଡ. ରମଣ ଅଗ୍ରୱାଲା

ଭୁବନେଶ୍ୱର : ବରିଷ୍ଠ ଅର୍ଥନୀତିଜ୍ଞ ତଥା ପ୍ରତିଷ୍ଠିତ ନାଟ୍ୟ ସମୀକ୍ଷକ ଡଃ



ରମଣ ଅଗ୍ରୱାଲା ଆନୁଷ୍ଠାନିକ ଭାବେ ଅଭିନୟ ଜଗତରେ ପାଦ ଥାପିଛନ୍ତି । ବିଗତ କିଛି ବର୍ଷ ମଧରେ ନାଟ୍ୟ କୃତିଗୁଡ଼ିକର ବିଶ୍ଳେଷଣାତ୍ମକ ମୂଲ୍ୟାଙ୍କନ ପାଇଁ ବେଶ୍ ପରିଚିତ ଡଃ ଅଗ୍ରୱାଲ, ପ୍ରଦର୍ଶନ କଳା (ପରଫର୍ମିଂ ଆର୍ଟସ୍) କ୍ଷେତ୍ରରେ ଏକ ଗଭୀର ଇତିହାସ ଓ ନିଷ୍ଠା ରଖିଛନ୍ତି, ଯେଉଁଥିରେ କବିତା ପାଠ ଏବଂ ରଚନା ମଧ ସାମିଲ ଅଛି । ନିଜର ଛାତ୍ର ଜୀବନ କାଳରେ ସେ କବିତା ଏବଂ ନିୟମିତ ନାଟ୍ୟ ପ୍ରଯୋଜନା ସହିତ ସକ୍ରିୟ ଭାବେ ଜଡ଼ିତ ଥିଲେ । ସେତେବେଳେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ବାଣୀବୀକାଶ'ର ସମ୍ପାଦକ ଭାବେ ୧୯୯୨-୯୩ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ । ବିଶେଷ କରି, ପ୍ରାୟ ତିନି ଦଶନ୍ଧି ପୂର୍ବେ ମଂଚରେ ତାଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ଓଡ଼ିଆ ସିନେମାର କିମ୍ବଦନ୍ତୀ ଅଭିନେତା ଧୀର ବିଶ୍ୱାଳଙ୍କ ଦ୍ୱାରା ତାଙ୍କୁ ସମ୍ମାନଜନକ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରାଯାଇଥିଲା (ଫଟୋ ସଂଲଗ୍ନିତ) । ୧୨ ଅକ୍ଟୋବର ୨୦୨୬ରେ ମଂଚକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ କରି, ଡଃ ରମଣ ଅଗ୍ରୱାଲ ହିନ୍ଦୀ ନାଟକ 'ହେ ମନୁଷ୍ୟ- ସାବଧାନ' ରେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଏହି ପରୀକ୍ଷାମୂଳକ ନାଟକଟି—ପ୍ରସିଦ୍ଧ ଚୀନୀ ଲେଖକ ଲୁ ସୁନ୍‌ଙ୍କ ଐତିହାସିକ କୃତି 'ଏ ମ୍ୟାଡ୍‌ମ୍ୟାନ୍ସ ଡାଏରୀ' (A Madman"s Diary) ଦ୍ୱାରା ଅନୁପ୍ରାଣିତ ହୋଇଥିଲା—ଯାହାର ରଚନା ଓ ନିର୍ଦ୍ଦେଶନା ଜାତୀୟ ନାଟ୍ୟ ବିଦ୍ୟାଳୟ (NSD)ର ପ୍ରତିଷ୍ଠିତ ପ୍ରାକ୍ତନ ଛାତ୍ର ପ୍ରଫେସର (ଡଃ) ସତ୍ୟବ୍ରତ ରାଉତଙ୍କ ଦ୍ୱାରା କରାଯାଇଥିଲା । ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ବ୍ୟାପକ ପ୍ରଶଂସା ପାଇବା ପରେ, ଡଃ ଅଗ୍ରୱାଲା ଆଗାମୀ ଦିନରେ ନାଟ୍ୟ ପ୍ରକଳ୍ପଗୁଡ଼ିକରେ ସକ୍ରିୟ ଭାବେ କାର୍ଯ୍ୟ କରିବା ପାଇଁ ନିଜର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଏହି ସଫଳତା ପୂର୍ବରୁ, ୨୦୨୪ ମସିହାରେ ଜାତୀୟ ନାଟ୍ୟ ବିଦ୍ୟାଳୟ (NSD)ରେ ଏକ ସପ୍ତାହ ବ୍ୟାପୀ ଚାଲିଥିବା ଏକ ଗହନ 'ଥିଏଟର ଆପ୍ରିସିଏସନ' (ନାଟ୍ୟ ସମୀକ୍ଷା) କାର୍ଯ୍ୟକ୍ରମ ପାଇଁ ସମଗ୍ର ଭାରତୀୟ ମେଧା ତାଲିକା (ଅଲ୍-ଇଣ୍ଡିଆ ମେରିଟ୍) ଆଧାରରେ ତାଙ୍କୁ ମନୋନୀତ କରାଯାଇଥିଲା ଓ ସେ NSD କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ବାରଗଡ଼ିଆ ଗ୍ରାମରେ କ୍ଲବ୍ ଲାଇଟ୍ ପକ୍ଷରୁ ମା' ଦୁର୍ଗାଙ୍କ କଳସ ଯାତ୍ରା, କୀର୍ତ୍ତନରେ କମ୍ପୁଛି ସାରା ଗାଁ



କଳିଙ୍ଗନଗର : ପବିତ୍ର ଦୁର୍ଗାପୂଜା ଅବସରରେ ବାରଗଡ଼ିଆ ଗ୍ରାମରେ କ୍ଲବ ଲାଇଟ୍ ପକ୍ଷରୁ ମା' ଦୁର୍ଗାଙ୍କ କଳସ ଯାତ୍ରା ଭକ୍ତିମୟ ପରିବେଶରେ ଆୟୋଜିତ ହେଉଛି । ମା'ଙ୍କ ଆଗମନକୁ ନେଇ ସମଗ୍ର ଗ୍ରାମରେ ଉତ୍ସାହ ଓ ଆଧ୍ୟାତ୍ମିକ ମାହୋଲ ସୃଷ୍ଟି ହୋଇଛି । କଳସ ଯାତ୍ରାରେ କୀର୍ତ୍ତନ ମଣ୍ଡଳୀର ମଧୁର ସଂଗୀତ ଓ ଭଜନର ତାଳେ ତାଳେ ସାରା ଗାଁ ଭକ୍ତିରସରେ ମୁଖରିତ ହୋଇଉଠୁଛି । ମା' ଦୁର୍ଗାଙ୍କ ଜୟଧ୍ୱନିରେ ପରିବେଶ ପ୍ରକମ୍ପିତ ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ମଧରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି । କ୍ଲବ ଲାଇଟ୍ ପକ୍ଷରୁ ଆୟୋଜିତ ଏହି ଧାର୍ମିକ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ମଧରେ ଏକତା, ଭକ୍ତି ଓ ଭାଇଚାରାର ବାର୍ତ୍ତା ବହନ କରୁଛି । ମା' ଦୁର୍ଗାଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଶ୍ରଦ୍ଧାଳୁମାନେ ଭକ୍ତିଭାବରେ ଏହି ଯାତ୍ରାରେ ସାମିଲ ହେଉଛନ୍ତି ।





**ପବିତ୍ର ଶାରଦୀୟ ଦୁର୍ଗାପୂଜାର ହାର୍ଦ୍ଦିକ ଶୁଭେଚ୍ଛା**

ମା' ଦୁର୍ଗାଙ୍କ ଆଗମନରେ ଆପଣଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ । ଗୁଡ୍ ଗ୍ରାମପଂଚାୟତର ସମସ୍ତ ଭାଇ-ଭଉଣୀ ଓ ଗୁରୁଜନମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା । ମା'ଙ୍କ କୃପାରୁ ସମସ୍ତେ ସୁସ୍ଥ, ନିରୋଗ ଓ ହସ-ଖୁସିରେ ରହନ୍ତୁ ।



**ବାସନ୍ତୀ ପଣ୍ଡା**
ସରପଂଚ
ଗୁଡ୍ ଗ୍ରାମପଂଚାୟତ, ସୋର, ବାଲେଶ୍ୱର

**ପବିତ୍ର ଶାରଦୀୟ ଦୁର୍ଗାପୂଜାର ହାର୍ଦ୍ଦିକ ଶୁଭେଚ୍ଛା**

ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ସୁଦର୍ଶନପୁର ଗ୍ରାମପଂଚାୟତର ସମସ୍ତ ଭାଇ-ଭଉଣୀ ଓ ଗୁରୁଜନମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା । ମା' ଦୁର୍ଗାଙ୍କ କୃପାରୁ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି, ସମୃଦ୍ଧି ଓ ସୁସ୍ୱାସ୍ଥ୍ୟରେ ଭରିଯାଉ ।



**ଚନ୍ଦ୍ରକାନ୍ତ ମଳିକ**
(ସରପଂଚ)
ସୁଦର୍ଶନପୁର ଗ୍ରାମପଂଚାୟତ, ବାସୁଦେବପୁର, ଭଦ୍ରକ

**ପବିତ୍ର ଶାରଦୀୟ ଦୁର୍ଗାପୂଜାର ହାର୍ଦ୍ଦିକ ଶୁଭେଚ୍ଛା**

ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ମୋର ସମସ୍ତ ଶ୍ରମିକ ଭାଇ ଓ ଭଉଣୀ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା ଜଣାଉଛି । ମା' ଦୁର୍ଗାଙ୍କ କୃପାରୁ ଆପଣଙ୍କ ଜୀବନ ସୁଖ, ଶାନ୍ତି, ସମୃଦ୍ଧି ଓ ଆନନ୍ଦରେ ଭରି ଯାଉ ।



**ମନୋରଞ୍ଜନ ନାୟକ**
ଶ୍ରମ ଅଧିକାରୀ
ବାସୁଦେବପୁର, ଭଦ୍ରକ

**ପବିତ୍ର ଶାରଦୀୟ ଦୁର୍ଗାପୂଜାର ହାର୍ଦ୍ଦିକ ଶୁଭେଚ୍ଛା**

ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ମୋର ପ୍ରିୟ ସୁଦର୍ଶନପୁର ଗ୍ରାମପଂଚାୟତର ସମସ୍ତ ଭାଇ-ଭଉଣୀମାନଙ୍କର ସୁଖ, ଶାନ୍ତି, ସମୃଦ୍ଧି, ହସ-ଖୁସି ଓ ଉତମ ସ୍ୱାସ୍ଥ୍ୟ କାମନା କରୁଅଛି ।



**ସୁରେନ୍ଦ୍ର ସାହୁ**
ସମାଜସେବୀ
ସୁଦର୍ଶନପୁର, ବାସୁଦେବପୁର, ଭଦ୍ରକ



Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚ୍ଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**